ବର୍ଷ-୨୫, ସଂଖ୍ୟା-୧୦୭
ଭୁବନେଶ୍ୱର
୧୯, ଏପ୍ରିଲ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 107
Bhubaneswar
19, April, 2025, Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କେନ୍ଦ୍ରୀୟ ଡେପୁଟେସନେରେ ଯିବେ ନିକୁଞ୍ଜ ଧଳ

ଭୁବନେଶ୍ୱର,୧୮।୪(ମହାଭାରତ.): ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ନୂଆ। ଦାୟିତ୍ୱ ମିଳିଛି। ୧୯୯୩ ବ୍ୟାଚ୍ ଆ।ଇଏଏସ୍ ଅଧିକାରୀ ଶ୍ରୀ ଧଳ କେନ୍ଦ୍ରୀୟ ଡେପୁଟେସନ୍ରେ ଯିବେ। ସେ ଆ।ସନ୍ତା ଜୁଲାଇ ୧ ତାରିଖରେ ସଂସଦୀୟ ବ୍ୟାପାର ସଚିବ ଦାୟିବ ନେବେ।

ରାଜ୍ୟରେ ସରକାର ବଦଳିବା ପରେ ନିକୁଞ୍ଜ ବିହାରୀ ଧଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ଭାବେ ଗତବର୍ଷ ଜୁନ୍ ମାସରେ ନିଯୁକ୍ତି ମିଳିଥିଲା। ଏହା ପୂର୍ବରୁ ସେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଥିଲେ। ସେ ମଧ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଦାୟିତ୍ୱ ତୁଲାଇଥିଲେ।

ସେହିପରି ସଂସ୍କୃତି ବିଭାଗର ଅତିରିକ୍ତ ଦାୟିବ ଗ୍ରହଣ କରିଥିଲେ। ପୂର୍ବରୁ ରାଜ୍ୟ ସରକାର ତାଙ୍କୁ ସ୍ୱାସ୍ଥ୍ୟ ସଚିବ ଭାବେ ମଧ୍ୟ ନିଯୁକ୍ତି ଦେଇଥିଲେ। ସବୁଠାରୁ ବଡ଼ କଥା ହେଲା ଯେ, ଶ୍ରୀ ଧଳ ସାଧାରଣ ନିର୍ବାଚନ-୨୦୨୪କୁ ସେ ଭଲ ପରିଚାଳନା କରିଥିଲେ, ଯାହାକୁ ସବୁ ମହଲରେ ପ୍ରଶଂସା କରାଯାଇଥିଲା। ନିର୍ବାଚନ ସମୟରେ ତ୍ରୁଟି ପାଇଁ ସେ କିଛି ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ତେଣୁ ଆ।ଶା କରାଯାଉଥିଲା ଯେ, ନିକୁଞ୍ଜ ଧଳକୁ କିଛି ବଡ଼ ଦାୟିତ୍ୱ ମିଳିପାରେ।

ସେହିପରି ୧୯୯୪ ବ୍ୟାଚ୍ ଆ।ଇଏଏସ୍ ସନ୍ତୋଷ ଷଡ଼ଙ୍ଗୀଙ୍କୁ ମଧ୍ୟ ନୂଆ। ଦାୟିତ୍ୱ ମିଳିଛି। ଶ୍ରୀ ଷଡ଼ଙ୍ଗୀଙ୍କୁ ନ୍ୟୁ ଆ।ଣ୍ଡ ରିନ୍ୟୁବଲ୍ ଏନର୍ଜି ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ନିଯୁକ୍ତି ମିଳିଛି।

ୟୁନେସ୍କୋରେ ସ୍ଥାନ ପାଇଲା 'ଭଗବଦ ଗୀତା' ଓ 'ନାଟ୍ୟଶାସ୍ତ୍ର'

ନୂଆଦିଲ୍ଲୀ,୧୮।୪(ମହାଭାରତ): 'ଭଗବଦ ଗୀତା' ଏବଂ ଭରତ ମୁନିଙ୍କ 'ନାଟ୍ୟଶାସ୍ତ୍ର'କୁ ୟୁନେସ୍କୋ ମେମୋରୀ ଅଫ ଦ ୱାର୍ଲ୍ଡ ରେଜିଷ୍ଟରରେ ସାମିଲ କରାଯାଇଛି। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସି ବ୍ୟକ୍ତ କରିଛନ୍ତିଯ ଏହା ପ୍ରତ୍ୟକ ଭାରତୀୟଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।ମୋଦୀ କହିଛନ୍ତି, ୟୁନେସ୍କୋର ମେମୋରୀ ଅଫ ଦ ୱାର୍ଲ୍ଡ ରେଜିଷ୍ଟରରେ ଗୀତା ଏବଂ ନାଟ୍ୟଶାସ୍ତ୍ରକୁ ସାମିଲ କରାଯିବା ଅର୍ଥ ଆମ ଶାଶ୍ୱତ ବୁଦ୍ଧିମତ୍ତା ଏବଂ ସମୃଦ୍ଧ ସଂସ୍କୃତିକୁ ବିଶ୍ୱସ୍ତରରେ ମାନ୍ୟତା ମିଳିବାୟ ଗୀତା ଏବଂ ନାଟ୍ୟଶାସ୍ତ୍ରର ଅନ୍ତଃଦୃଷ୍ଟି ଦୁନିଆ।କୁ ପ୍ରେରଣା ଯୋଗାଇ ଆ।ସିଛି। ଏହି ଦୁଇ ଅଭିଲେଖାକୁ ମିଶାଇ ମୋଟ ୧୪ଟି ଅଭିଲେଖା ୟୁନେସ୍କୋର ଏହି ଅନ୍ତର୍ଜାତୀୟ ରେଜିଷ୍ଟରରେ ସାମିଲ ହୋଇଛନ୍ତି।ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରୀୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଏକ ପୋଷ୍ଟକୁ ରିଟ୍ୱିଟ କରିଛନ୍ତି, ଯିଏ ପ୍ରଥମେ ଏହି ସମ୍ମାନର ଖବର ଶେୟର କରିଥିଲେ। ଶେଖାୱତ ଏହି ଘଟଣାକୁ ଭାରତର ସାଭ୍ୟତା



ଐତିହ୍ୟ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି।

ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଏବେ ୟୁନେସ୍କୋର ମେମୋରୀ ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ସାମିଲ ହୋଇଛ। ଏହି ବିଶ୍ୱବ୍ୟାପୀ ସମ୍ମାନ ଭାରତର ଅନନ୍ତ ଜ୍ଞାନ ଓ କଳାତ୍ମକ ପ୍ରତିଭାକୁ ଉତ୍ସବ କରେ, ଶେଖାୱତ ପୋଷ୍ଟ କରିଛନ୍ତି। ଏହି ଅନନ୍ତ କୃତିଗୁଡ଼ିକ କେବଳ ସାହିତ୍ୟିକ ସମ୍ପଦ ନୁହେଁ-ଏହା ଦାର୍ଶନିକ ଓ ସୌନ୍ଦର୍ଯ୍ୟବୋଧମୂଳକ ଭିତ୍ତି, ଯାହା ଭାରତର ବିଶ୍ୱଦୃଷ୍ଟିକୋଣ ଏବଂ ଆ।ମେ କିପରି ଚିନ୍ତା କରୁଛୁ, ଅନୁଭବ କରୁଛୁ, ଜୀବନ ଯାପନ କରୁଛୁ ଏବଂ ପ୍ରକାଶ କରୁଛୁ ତାହା ଗଢ଼ିଛି।ଗୀତା ଏବଂ ନାଟ୍ୟଶାସ୍ତ୍ରର ସାମିଲ ହେବା ସହିତ, ଭାରତର ଏବେ ୟୁନେସ୍କୋର ପ୍ରତିଷ୍ଠିତ ମେମୋରୀ ଅଫ୍ ଦି ୱାର୍ଲଡ ରେଜିଷ୍ଟରରେ ୧୪ଟି ପ୍ରବେଶ ରହିଛି, ଯାହା ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ଦଲିଲମୂଳକ ଐତିହ୍ୟର ସଂରକ୍ଷଣ ଲକ୍ଷ୍ୟ ରଖିଛି।

ଗତ କିଛି ବର୍ଷ ଧରି ବିଶ୍ୱ ଐତିହ୍ୟ ତାଲିକାରେ ଭାରତ କ୍ରମାଗତ ଭାବରେ ନିଜର ଉପସ୍ଥିତି ଜାହିର କରିଛି। ଗତବର୍ଷ ଜୁଲାଇରେ ଆ।ସାମରୁ ଆ।ସିଥିବା ଆ।ହୋମ ବଂଶର ମାଉଣ୍ଡ-କବର ପ୍ରଣାଳୀକୁ ଏକ ସାଂସ୍କୃତିକ ସମ୍ପତ୍ତି ଭାବରେ ଏହି ତାଲିକାରେ ସାମିଲ କରାଯାଇଥିଲା। ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବା ବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ଆ।ଉ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆ।ଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଗୁମ୍ଫା ଏବଂ ଏଲୋରା ଗୁମ୍ଫା ତାଲିକାଭୁକ୍ତ ହେବା ପରେ ଦେଶର ଯାତ୍ରା ଆ।ରମ୍ଭ ହୋଇଥିଲା। ଏହି ସ୍ଥାନଗୁଡ଼ିକ କେବଳ ଇତିହାସର ପ୍ରତୀକ ଭାବରେ ନୁହେଁ ବରଂ ଆ।ଗାମୀ ପିଢ଼ି ପାଇଁ ଶିକ୍ଷଣ ସ୍ଥାନ ଭାବରେ ମଧ୍ୟ ସଂରକ୍ଷିତ ରହିଛି।

ବିଶ୍ୱ ଐତିହ୍ୟ ଦିବସ ଅବରରେ ଆ।ଜି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦେଶର ସମସ୍ତ ଏଏସଆ।ଇ ସଂରକ୍ଷିତ ସ୍ମାରକୀରେ ମାଗଣାରେ ପ୍ରବେଶ ପାଇଁ ଅନୁମତି ଦିଆ।ଯାଇଥିଲା।

ଟ୍ରାକ୍ଟର ଧକ୍କାରେ ନବମ ଶ୍ରେଣୀ ଛାତ୍ର ମୃତ୍ୟୁ

ଶୋକ ପ୍ରକାଶ ଓ ଅନୁକମ୍ପା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୪(ମହାଭାରତ): ସଡ଼କ ଦୁର୍ଘଟଣାରେ ଆ।ଜି ପୂର୍ବାହ୍ନରେ ପ୍ରାଣ ହରାଇଥିବା ନବମ ଶ୍ରେଣୀ ଛାତ୍ର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମ୍ବଲପୁରରେ ସଡ଼କ ଦୁର୍ଘଟଣାରେ ଜଣେ ନବମ ଶ୍ରେଣୀର ଛାତ୍ର ପ୍ରାଣ ହରାଇଥିବା ବିଷୟରେ ଜାଣି ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ବର୍ଗଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନବମ ଶ୍ରେଣୀର ଛାତ୍ର ପ୍ରାଣ ହରାଇଥିବା ବିଷୟରେ ଜାଣି ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ବର୍ଗଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଆ।ଜି ପୂର୍ବାହ୍ନ ପ୍ରାୟ ୧୦ଟା ୪୫ ମିନିଟ ସମୟରେ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଅୟୁଷ୍ମାନ ବେହେରା ପାଠପଢ଼ି ସାରି ଘରକୁ ଫେରୁଥିବା ବେଳେ ସାମ୍ନା ପଟୁ ଏକ ଟ୍ରାକ୍ଟର୍ (ଓଡି-୧୫ ଡବ୍ଲ୍ୟୁ ୮୧୧୫) ତାଙ୍କୁ ଧକ୍କା ଦେଇଥିଲା। ସେଠାରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଆ।ୟୁଷ୍ମାନ ବେହେରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

କାଳବୈଶାଖିରେ ଅଘଟଣ

ଭୁବନେଶ୍ୱର,୧୮।୪(ମହାଭାରତ): କାଳବୈଶାଖୀ ବେଳେ ନାବାଳକଙ୍କ ଶରୀରରେ ପଶିଗଲା ଗ୍ରୀଲ। ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭୁବନେଶ୍ୱର ନୟାପଲ୍ଲୀ ଆ।ଇଆ।ରସି ଭିଲେଜରେ। ନାବାଳକ ଜଣଙ୍କ ହେଲେ ସୋହନ ଦିଗଲ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟଅ, ଶୁଖାଯାଇଥିବା ଲୁଗା ଆ।ଣିବାକୁ ପାଚେରି ଡେଇଁ ଯାଉଥିବା ବେଳେ ଜଣେ ୧୩ ବର୍ଷିଅ। ନାବାଳକଙ୍କ ଗୋଡ ଖସି ଯିବାରୁ ତାଙ୍କ କାଖ ପଟୁ ଏକ ଲୁହା ଗ୍ରୀଲ କଣ୍ଟା ପଶି କାନ୍ଧ ପଟେ ବାହାରି ଯାଇଥିଲା।

ସ୍ଥିତି ପରଖିଲେ ଖଣି ମନ୍ତ୍ରୀ

ସୁନ୍ଦରଗଡ଼,୧୮।୪(ମହାଭାରତ): ସୁନ୍ଦରଗଡ଼ ଏମସିଏଲ କ୍ଷେତ୍ର ଗୋପାଳପୁର ଅଞ୍ଚଳରେ ବାଣିଜ୍ୟ, ପରିବହନ, ଇସ୍ପାତ, ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ। ପହଞ୍ଚି ଜଙ୍ଗଲ ଭିତର ଚୋରା ଖଣିର ସ୍ଥିତି ପରଖିଛନ୍ତି। ସଙ୍ଗରେ ବିଭାଗୀୟ ସଚିବମାନେ ମଧ୍ୟ ଆ।ସି ଚୋରା ଖଣିର ଅନୁଧ୍ୟାନ କରିଛନ୍ତି। ନିର୍ଦ୍ଧାରିତ ସମୟଠାରୁ ଘଣ୍ଟା ବିଳମ୍ବରେ ଦୁଇ ମନ୍ତ୍ରୀ ଆ।ସି ଏମସିଏଲ କ୍ଷେତ୍ର ଅଧୀନ ଗୋପାଳପୁର ନିକଟ ତେଲେନଡିହି, ରତନସରା, ଭୋଗ୍ରାକଛାର ଜଙ୍ଗଲ ଭିତରେ ବର୍ଷ ବର୍ଷ ଧରି ଖଣି, ବନ ବିଭାଗ, ପ୍ରଶାସନ ଓ ପୁଲିସର ଆ।ଖି ଆ।ଗରେ ବେଆ।ଇନ ଭାବେ ଚାଲିଥିବା ଖଣି ଖନନ ଓ ହଜାର ହଜାର ଟନ୍ କୋଇଲା ଲୁଟ୍ ର ବାସ୍ତବସ୍ଥିତି ବୁଲି ବୁଲି ଦେଖିଛନ୍ତି।ସୁନ୍ଦରଗଡ଼ରେ କିଭଳି ରାଜ୍ୟର ସବୁଠାରୁ ବଡ଼ କୋଇଲା ଲୁଟ୍ ହୋଇଛି ତାହାର ସତ ପରଖିଛନ୍ତିଯ ଏମସିଏଲ ବସୁନ୍ଧରା ପଶ୍ଚିମ ଖଣି ପ୍ରକଳ୍ପକୁ ଆ।ବଣ୍ଟିତ ଏହି ଅଞ୍ଚଳରେ ୧୫ ବର୍ଷ ହେଲା କୋଇଲା ମାଫିଆ। ଡେରା ପକାଇ ଶହଶହ ଖଣି ଖୋଳି ହଜାର ହଜାର ଟନ୍ କୋଇଲା ରାଜ୍ୟ ବାହାରକୁ ଚାଲାଣ କରୁଥିଲେ।

'ରତ୍ନଭଣ୍ଡାର ମରାମତି କାମ ସରିଲେ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାନାନ୍ତର ହେବ'

ପୁରୀ,୧୮।୪(ମହାଭାରତ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ମରାମତି କାମ ଜାରି ରହିଛି। ଏହି କାମ ଆ।ଗାମୀ ଅକ୍ଷୟ ତୃତୀୟା (ଅପ୍ରେଲ ୩୦) ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛ। ମରାମତି କାର୍ଯ୍ୟ ସମାପ୍ତ ହେଲା ପରେ ମହାପ୍ରଭୁଙ୍କର ସୁନା ଏବଂ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆ।ରମ୍ଭ ହେବ। ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ମରାମତି ଏବଂ ସଂରକ୍ଷଣ କାମ ଆ।ସନ୍ତା ଏକ ମାସ ମଧ୍ୟରେ ସମାପ୍ତ ହେବ। ଏନେଇ ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜଷ୍ଟିସ ରଥ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସଆ।ଇ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଯାହାକି ଆ।ହୁରି ୭୫ ଏବଂ ୧୦୦ ବର୍ଷ ପାଇଁ ଭଣ୍ଡାରର ଗଠନକୁ ସୁରକ୍ଷିତ ରଖିପାରିବୟ ଭିତର ଭଣ୍ଡାରର ମରାମତି କାମ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ଭିତର ଏବଂ ବାହାର ଭଣ୍ଡାରକୁ ସଂଯୋଗ କରୁଥିବା ପାଞ୍ଚଟି ଜୀର୍ଣ୍ଣ ବିମକୁ ମଧ୍ୟ ଦୃଢ଼ ଷ୍ଟିଲ ବିମ୍ ସହିତ ବଦଳାଯାଇଛି। ବାହାର ଭଣ୍ଡାରର କାମ ଆରମ୍ଭ ହୋଇଯାଇଛି। ଆ।ସନ୍ତା ରଥଯାତ୍ରା ପାଇଁ ରୀତିନୀତି ଯୋଗୁଁ କାମ ବେଳେବେଳେ ପ୍ରଭାବିତ ହେଉଛି।



ତଥାପି, ପ୍ରତିଦିନ ପ୍ରାୟ ୩ରୁ ୪ ଘଣ୍ଟା କାମ କରାଯାଉଛି। ସ୍ନାନପୂର୍ଣ୍ଣିମା ପରେ ଏବଂ ପଟ୍ଟି ସେବା ସମୟରେ ଆ।ମେ କୌଣସି କାମ କରିପାରିବୁ ନାହିଁ। ତେଣୁ ଅକ୍ଷୟ ତୃତୀୟା ସୁଦ୍ଧା କାମ ସମାପ୍ତ କରିବାକୁ ପ୍ରୟାସ ଜାରି ରହିଛି।

ୟୁପିଆଇ ଉପରେ ଲାଗିବନି ଜିଏସଟି

ନୂଆ।ଦିଲ୍ଲୀ,୧୮।୪(ମହାଭାରତ):: ୟୁପିଆଇ ଉପରେ ଲାଗିବନି ଜିଏସଟି। କେନ୍ଦ୍ର ସରକାର ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ଜିଏସଟି୍ ଲାଗୁ କରିବାକୁ ଯୋଜନା କରୁଥିବା ନେଇ ସୋସିଆ।ଲ ମିଡିଆ।ରେ ରିପୋର୍ଟ ପ୍ରକାଶ ପାଉଥିଲା।ଏହାକୁ ନେଇ ଭାରତୀୟ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି।ଏପରି ଦାବି ସମ୍ପୂର୍ଣ୍ଣ ମିଥ୍ୟା, ଭ୍ରାମକ ଏବଂ ଭିତ୍ତିହୀନ ବୋଲି ମନ୍ତ୍ରଣାଳୟ କହିଛି ।

ସୋସିଆ।ଲ ମିଡିଆ।ରେ ଚର୍ଚ୍ଚା ପରେ, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇଟି) ସୋସିଆ।ଲ ମିଡିଆ। ପ୍ଲାଟଫର୍ମ ରେ ସ୍ପଷ୍ଟୀକରଣ ରଖିଥିଲା। କେନ୍ଦ୍ର ସରକାର ୨,୦୦୦ ରୁ ଅଧିକ ୟୁପିଆଇ କାରବାର ଉପରେ ଜିଏସଟି ଲଗାଇବା ବିଷୟରେ ବିଚାର କରୁଛନ୍ତି ବୋଲି କରାଯାଉଥିବା ଦାବି ସମ୍ପୂର୍ଣ୍ଣ ମିଥ୍ୟା, ଭ୍ରାମକ ଏବଂ ଆ।ଧାରହୀନ। ବର୍ତ୍ତମାନ, ସରକାରଙ୍କ ସମ୍ମୁଖରେ ଏପରି କୌଣସି ପ୍ରସ୍ତାବ ନାହିଁ। ଜିଏସଟି ନିର୍ଦ୍ଦିଷ୍ଟ ଉପକରଣ ବ୍ୟବହାର କରି କରାଯାଇଥିବା ପେମେଣ୍ଟ ସହିତ ଜଡିତ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଭଳି ଚାର୍ଜ ଉପରେ ଲାଗୁ ହୁଏ। ଜାନୁଆ।ରୀ ୨୦୨୦ରୁ, ସିବିଡିଟି ୩୦ ଡିସେମ୍ବର ୨୦୧୯ ରେ ଗେଜେଟ ନୋଟିଫିକେସନ ମାଧ୍ୟମରେ ବ୍ୟକ୍ତି-ବ୍ୟବସାୟୀ (ପି୨ଏମ) ୟୁପିଆଇ କାରବାର ଉପରେ ଏମଡିଆର ହଟାଇ ଦେଇଛି। ଯେହେତୁ ବର୍ତ୍ତମାନ ୟୁପିଆଇ କାରବାର ଉପରେ କୌଣସି ଏମଡିଆର ଲାଗୁ ହେଉନାହିଁ, ତେଣୁ ଏହି କାରବାର ଉପରେ କୌଣସି ଜିଏସଟି ଲାଗୁ ହେବ ନାହିଁ ବୋଲି ପୋଷ୍ଟରେ ଲେଖାଯାଇଛି।

କାଳବୈଶାଖି ତାଣ୍ଡବ

ଭୁବନେଶ୍ୱର,୧।।୪(ମହାଭାରତ): କାଳବୈଶାଖୀ ପ୍ରଭାବରେ ଆଜି ବିଭିନ୍ନ ଜିଲ୍ଲାରେ ବର୍ଷା ସହ ପବନ ତାଣ୍ଡବ ରଚିଛି। ପବନ ଯୋଗୁଁ ବଡ ବଡ ଗଛ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳିଛି। କଟକ, ଭୁବନେଶ୍ୱର, ବାଲେଶ୍ୱର, ଢେଙ୍କାନାଳ, ପୁରୀ, ନୟାଗଡ ଜିଲ୍ଲାରେ ପ୍ରକୋପ ଦେଖିବାକୁ ମିଳିଛି। ଆଗାମୀ ୫ ଦିନ ରାଜ୍ୟର କେତେକ ସ୍ଥାନରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ଆଜି ସକାଳେ ହଠାତ ମାଡି ଆସିଥିଲା କଳାହାଣ୍ଡିଆ। ମେଘ। ଦିନ ସୃଷ୍ଟି କଲା ସନ୍ଧ୍ୟାର ଭ୍ରମ। କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି ହାଲୁକା ବର୍ଷା ପବନ ବହିବା ସହ ହେଉଛି ବର୍ଷା। କଟକ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ବିଜୁଳି ଘଡ଼ଘଡ଼ି ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିଥିଲା। ଆ।ଜି ସକାଳୁ କଟକ-ଭୁବନେଶ୍ୱର ଟୁଇନ୍ ସିଟିରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ପ୍ରାୟ ଘଣ୍ଟାଏ ବର୍ଷାରେ ରାଜଧାନୀର ଅବସ୍ଥା ବେହାଲ ହୋଇଛି। ଠିକ୍ ସେହିପରି କଟକରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି।କଟକରେ ଅଧିକାଂଶ ଜାଗା ଜଳମଗ୍ନ ହୋଇଯାଇଛି।କାଳବୈଶାଖୀର ପ୍ରଭାବରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ହୋଇଥିବାର ପରିଲକ୍ଷିତ ହୋଇଛ।କାଳବୈଶାଖୀ ପ୍ରଭାବରେ ଢେଙ୍କାନାଳରେ ପବନ ଓ ବର୍ଷା ଜାରି ରହିଛି ।ଗତକାଲି ମଧ୍ୟ ରାତିରୁ ବର୍ଷା ପବନ ଜାରି ରହିଛି। ତୁହାକୁ ତୁହା ବର୍ଷା ପବନ ଜାରି ରହିଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ବିଜୁଳି ଘଡଘଡି ସହ ବର୍ଷା ପବନ ହେଉଛି। ଗତକାଲି ରାତିରୁ ବର୍ଷା ପବନ ପ୍ରଭାବରେ ବିଦ୍ୟୁତ ସରବରାହ ବନ୍ଦ ରହିଛି।

ବାଲେଶ୍ୱର ଜିଲାରେ କାଳବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ପ୍ରଭାବରେ ଫକୀରମୋହନ ଗୋଲେଇରେ କଦମ୍ବ ଗଛ ଭାଙ୍ଗିଗୁଡ଼ିଯାଇଛି। କଦମ୍ବ ଗଛ ପଡ଼ିଯିବାରୁ ୩ଟି ବାଇକ ଭାଙ୍ଗି ଚୁରମାର ହୋଇଯାଇଛି।ଏହାସହିତ ବସ୍ତା ବାହାର୍ଦ୍ଧା ଉର୍ଦ୍ଦୁପ୍ରାଥମିକ ବିଦ୍ୟାଳୟ ପାଚେରୀ ଭୁଶୁଡ଼ିପଡ଼ିଛି ସ୍କୁଲ ଛୁଟି ଥିବାରୁ ବଡ଼ ଅଘଟଣ ଟଳି ଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଆଗାମୀ ୧୨ ଘଂଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ, କୁଆପଥର ବର୍ଷା କିମ୍ବା ଭୀଷଣ ବର୍ଷା ନେଇ ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨

ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।

ଖବର

ପରଦାକୁ ଆସିଲା 'କେସରୀ ଚାପ୍ଟର ୨'

ସରିଲା ଅପେକ୍ଷା, ପରଦାକୁ ଆସିଲା 'କେସରୀ ଚାପ୍ଟର ୨'। ବଲିଉଡର ଆକ୍ସନ ମାଷ୍ଟର ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨' ଶେଷରେ ଆଜି ଅର୍ଥାତ ୧୮ ଏପ୍ରିଲରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଚଳଚ୍ଚିତ୍ର ଦେଖିବାକୁ ମିଳିଛି। ଖିଲାଡୀ ଅକ୍ଷୟ କୁମାରଙ୍କ ଅଭିନୀତ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨' ଏକ ଐତିହାସିକ ଚଳଚ୍ଚିତ୍ର, ଯାହା ୧୯୧୯ ମସିହାର ଜାଲିଆନ୍‌ୱାଲା ବାଗ ହତ୍ୟାକାଣ୍ଡର ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ। ଏହି ଚଳଚ୍ଚିତ୍ରରେ ଅକ୍ଷୟ କୁମାର ବ୍ରିଟିଶ ସାମ୍ରାଜ୍ୟକୁ ଚ୍ୟାଲେଞ୍ଜ କରିଥିବା ଓକିଲ ସି.ଶଙ୍କରନ୍ ନାୟରଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଅକ୍ଷୟଙ୍କ ବ୍ୟତୀତ, 'କେସରୀ ଚାପ୍ଟର ୨'ରେ ଆର. ମାଧବନ୍ ଏବଂ ଅନନ୍ୟା ପାଣ୍ଡେ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ଏବେ ଅକ୍ଷୟ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି। କ୍ୟାପସନରେ ଲେଖିଛନ୍ତି ଯେ, ''ତୁମେ ଅନେକ କାହାଣୀ ଶୁଣିଥିବ କିନ୍ତୁ ଏ କାହାଣୀ ଏକ ଝଡ଼ ପରି। ସି. ଶଙ୍କରନ୍ ନାୟାରଙ୍କ ଏହି କାହାଣୀ ମୋତେ ଆଶ୍ଚର୍ଯ୍ୟ କରିଥିଲା କାରଣ ଆମେ ଜାଣି ନଥିଲୁ ଯେ ଜାଲିଆନ୍‌ୱାଲା ବାଗ ହତ୍ୟାକାଣ୍ଡ ପରେ, ଜଣେ ବ୍ୟକ୍ତି ସମଗ୍ର ବ୍ରିଟିଶ ସାମ୍ରାଜ୍ୟକୁ କୋର୍ଟକୁ ଟାଣି ଆଣିଥିଲେ ଏବଂ ପରେ ଆଣ୍ଠୁମାଡ଼ି ବସିବାକୁ ବାଧ୍ୟ କରି ଦେଇଥିଲେ।'' ଅକ୍ଷୟ ଆହୁରି କହିଛନ୍ତି ଯେ, ''ମୁଁ କେବଳ ଜଣେ କଳାକାର ଭାବରେ ନୁହେଁ ବରଂ ଜଣେ ଭାରତୀୟ ଭାବରେ ଚଳଚ୍ଚିତ୍ର 'କେସରୀ ଚାପ୍ଟର ୨' କରିଛି। ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ.. ଏହା ଏକ ପୁରୁଣା ହିସାବ, ଏହା ଏମିତି ଏକ ଯନ୍ତ୍ରଣାଦାୟକ ସ୍ମୃତି ଯାହାର କଳନା କରାଯାଇପାରିବ ନାହିଁ, ଯାହା ବି ହେଉ ଶେଷରେ-ଏହା ହେଉଛି ଆମକୁ ମିଳିଥିବା ନ୍ୟାୟ।'' ସୂଚନା ଅନୁସାରେ, ଚଳଚ୍ଚିତ୍ର ରିଲିଜ୍ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଫିଲ୍ମକୁ ସାର୍ଟିଫିକେଟ୍ ଦେଇଥାଏ। ସେଇଭଳି 'କେସରୀ ଚାପ୍ଟର ୨' ଚଳଚ୍ଚିତ୍ରକୁ 'ଏ' ସାର୍ଟିଫିକେଟ୍ ମଧ୍ୟ ମିଳିଛି। ଯାହାର ଅର୍ଥ ହେଉଛି, ଚଳଚ୍ଚିତ୍ରରେ ଏପରି ଦୃଶ୍ୟ ରହିଛି ଯାହା କେବଳ ୧୮ ବର୍ଷରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ।

ଟୁଥପେଷ୍ଟ ଦେବ ଚମକଦାର ତ୍ୱଚା

ଦାନ୍ତ ସଫା ପାଇଁ ଟୁଥପେଷ୍ଟର ବ୍ୟବହାର କରାଯାଏ ଯାହା ଦାନ୍ତକୁ ଧଳା ଏବଂ ଚମକଦାର କରାଏ । କିନ୍ତୁ ଆଜି ଆମେ ଆପଣଙ୍କୁ ଜଣାଇବୁ ଟୁଥପେଷ୍ଟ କେବଳ ଦାନ୍ତ ପାଇଁ ନୁହେଁ ବରଂ ଚମକଦାର ତ୍ୱଚା ପାଇଁ ମଧ୍ୟ ବହୁତ ଲାଗକାରୀ ହୋଇଥାଏ । ଟୁଥପେଷ୍ଟ ସାହାଯ୍ୟରେ ବ୍ରଣ, କଳା, ଦାଗ, ରିଙ୍କଲକୁ ଦୂର କରାଯାଇପାରିବ। ତେବେ ଆସନ୍ତୁ ଜାଣିବା ଟୁଥପେଷ୍ଟର ବ୍ୟବହାର କିପରି ଭାବେ ଟୁଥପେଷ୍ଟର ବ୍ୟବହାର କରି କ୍ଲିନ ଏବଂ ଗ୍ଲୋଇଂ ତ୍ୱଚା ପାଇପାରିବେ ।

ଲୋଚାକୁଚା ତ୍ୱଚାରୁ ଦେବ ମୁକ୍ତି: ଚେହେରାରେ ରିଙ୍କଲ ବା ଲୋଚାକୁଚା ହଟାଇବା ପାଇଁ ମଧ୍ୟ ଟୁଥପେଷ୍ଟ ସାହାଯ୍ୟ କରିଥାଏ । ଏଥିପାଇଁ ୧ଟେବୁଲ ଚାମଚ ଟୁଥପେଷ୍ଟରେ ୨ଟେବୁଲ ଚାମଚ କ୍ଷୀର ମିକ୍ସ କରନ୍ତୁ । ଏବେ ଏହି ମିଶ୍ରଣକୁ ତ୍ୱଚାରେ ଲଗାନ୍ତୁ ଦେଖିବେ ଏଥିରୁ ମୁକ୍ତି ମିଳିବ । ଏହାସହିତ ଟୁଥପେଷ୍ଟ ପ୍ରଭାବିତ ସ୍ଥାନରେ ଲଗାନ୍ତୁ । ରାତିସାରା ଏହାକୁ ଏମିତି ହିଁ ଲଗାଇ ରଖନ୍ତୁ । ସକାଳ ହେବା ପରେ ହିଁ ଫ୍ରେସ ପାଣିରେ ମୁହଁକୁ ସଫା କରନ୍ତୁ । ଏମିତି କିଛି ଦିନ ଲଗାତାର କରିବା ପରେ ରିଙ୍କଲ୍ କମ୍ ହେବାକୁ ଲାଗିବ ।

ଡାର୍କ ସ୍ପର୍ଟ ବା କଳା ଦାଗ : ଚେହେରାରେ ଡାର୍କ ସ୍ପର୍ଟ ବା କଳା ଦାଗର ସମସ୍ୟା ଥିଲେ ୧ଟେବୁଲ ଚାମଚ ଟୁଥପେଷ୍ଟରେ ୨ ବୁନ୍ଦା ଲେମ୍ବୁ ରସ ମିକ୍ସ କରନ୍ତୁ । ଅଳ୍ପ ସମୟ ପରେ ଚେହେରାକୁ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ଲଗାତାର ୨ସପ୍ତାହ ଲଗାଇବା ଦ୍ୱାରା କଳା ଦାଗ ଦୂର ହେବାରେ ବହୁତ ସାହାଯ୍ୟ ମିଳିଥାଏ ।

ସୁସ୍ଥ ଜୀବନର କିଛି ଟିପ୍‌ସ୍

ଯେ କୌଣସି ସଂକ୍ରାମକ ରୋଗରୁ ବର୍ତ୍ତିବା ପାଇଁ ଶରୀରର ରୋଗପ୍ରତିରୋଧକ ଶକ୍ତି ଭଲ ଥିବା ଜରୁରୀ। କେତୋଟି ସହଜ ତଥା ସରଳ ଉପାୟରେ ପ୍ରତ୍ୟେକ ବୟସର ଲୋକ ନିଜ ସ୍ୱାସ୍ଥ୍ୟକୁ ନିରୋଗ ରଖିପାରିବେ।

ସକାଳୁ ୫-୭ ମିନିଟ ଧ୍ୟାନ କରିବା ସହ ଯୋଗାଭ୍ୟାସ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ। ଛାତ ଉପରେ କିମ୍ବା ବାଲକୋନିରେ ୨୦-୨୫ ମିନିଟ୍ ଚଲାବୁଲା କରନ୍ତୁ, ଯେଉଁଠାରେ ସୂର୍ଯ୍ୟକିରଣ ବିଚ୍ଛୁରିତ ହୋଇପଡୁଥିବ।

ରାତିରୁ ପାଣିରେ ୪-୫ଟି କିସ୍ମିଶ୍ ବତୁରାଇ ରଖନ୍ତୁ। ସକାଳୁ ଉଠି ପ୍ରଥମେ ଖାଲିପେଟରେ ସେହି ବତୁରା କିସ୍ମିଶ୍ ଖାଇ ପରେ ଅନ୍ୟ କାମ କରିବା ଉଚିତ। ଏଥିରେ ଥିବା ପର୍ଲ ଫେନୋଲିକ୍ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ଶରୀରକୁ ଥଣ୍ଡା, ସର୍ଦ୍ଦି ରୋଗ ସହ ଅନ୍ୟାନ୍ୟ ସଂକ୍ରମିତ ରୋଗରୁ ରକ୍ଷା କରେ।

ସକାଳବେଳା ଚା' ପିଇବା ଅଭ୍ୟାସ ଥିଲେ, ସେଥିରେ ଅଦା ରସ ନିଶ୍ଚିତ ଭାବେ ମିଶାଇ ପିଅନ୍ତୁ। ଅଦା ରସ ଚା'ର ସ୍ୱାଦ ବଢ଼ାଇବା ସହ ଆମ ଶରୀରକୁ ଶକ୍ତି ଯୋଗାଇଥାଏ। ଭିଟାମିନ୍ ସି, ମ୍ୟାଗ୍ନେସିୟମ୍ ଭରପୂର ଅଦା ଚା' ନିୟମିତ ପିଇ ଏକ ସୁସ୍ଥ ଜୀବନଶୈଳୀ ଅତିବାହିତ କରନ୍ତୁ।

ବଜାରର ବିଭିନ୍ନ ପ୍ରକାର ରିଫାଇନ୍ ତେଲ ବ୍ୟବହାର ବନ୍ଦ କରି ଶୁଦ୍ଧ ଦେଶୀ ଘିଅ, ସୋରିଷ ତେଲ ଓ ନଡ଼ିଆ ତେଲ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡାକ୍ତରୀଦଳଙ୍କ ମତରେ ଭାରତୀୟ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ହେବା ପଛର ଅନ୍ୟତମ ମୁଖ୍ୟ କାରଣ ହେଲା, ସେମାନେ ରିଫାଇନ ତେଲର କମ ବ୍ୟବହାର କରନ୍ତି।

ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ବଟା ବ୍ୟବହାର କରନ୍ତୁ, ଯୁବପିଢ଼ି ଓ ବୟସ୍କଙ୍କର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ରସୁଣ ମହୌଷଧି ପରି କାମ କରେ।

ଥଣ୍ଡା ପାଣି ପିଇବାର ଅଭ୍ୟାସ ବନ୍ଦ କରନ୍ତୁ। ନିୟମିତ ଉଷୁମ ପାଣି ପିଅନ୍ତୁ। ଏହା ଦ୍ୱାରା ହଜମ ସଠିକ ରୂପେ ହେବା ସହ ଛାଡା ସଫା ହେବ ଓ ନିରୋଗୀ ରହିବେ।

ଛିଡା ହୋଇ ପାଣି ପିଇବା ଉଚିତ ନୁହେଁ

ମାନବ ଶରୀରରେ ଜଳର ମାତ୍ର ପ୍ରାୟ ୬୦ ପ୍ରତିଶତ। ପାଣି ଶରୀରକୁ ଅକ୍ସିଜେନ୍ ଓ ପୋଷାକ ତତ୍ତ୍ୱ ଦେଇଥାଏ, ଅଙ୍ଗ ଓ କୋଷଗୁଡ଼ିକର ରକ୍ଷା କରିଥାଏ। ପାଣି ପିଇବା କେତେ ମହତ୍ୱପୂର୍ଣ୍ଣ ଆମେ ସମସ୍ତେ ଜାଣିଛୁ। ସୁସ୍ଥ ଶରୀର ୱାଟର ଇନଟେକ୍ ଉପରେ ନିର୍ଭର କରିଥାଏ। କିନ୍ତୁ ଆପଣ ଆବଶ୍ୟକୀୟ ପରିମାଣର ପାଣି ପିଇବା ପରେ ବି ସୁସ୍ଥ ରହିବେ ବୋଲି କିଛି ମାନେନାହିଁ। ଆପଣଙ୍କ ଏକ ଛୋଟ ଭୁଲ ପାଇଁ ଆପଣଙ୍କ ଶରୀରକୁ ପାଣିର ସଠିକ ଲାଭ ନ ମିଳିପାରେ। ଯେପରିକି ଛିଡା ହୋଇ ପାଣି ପିଇବା ଅନେକ ଲୋକଙ୍କର ଅଭ୍ୟାସ। ଅଧିକାଂଶ ଲୋକ ଛିଡା ହୋଇ ପାଣି ପିଇଥାନ୍ତି। ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ବହୁତ ହାନିକାରକ। ଛିଡା ହୋଇ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ଜାଣନ୍ତୁ।

ଯଦି ଆପଣ ଛିଡା ହୋଇ ପାଣି ପିଉଛନ୍ତି ତାହେଲେ ପାଣି ଦ୍ରୁତ ଗତିରେ ଗଳାରେ ଥିବା ଫୁଡ୍ ପାଇପ୍ ଦେଇ ପେଟକୁ ଯାଇଥାଏ। ଦ୍ରୁତ ଗତିରେ ଆସୁଥିବା ପାଣିର ପ୍ରେର୍ସ ଯୋଗୁଁ ଆଖପାଖ ଅଙ୍ଗ ଓ ପେଟକୁ କ୍ଷତି ପହଞ୍ଚାଇଥାଏ। ଯେଉଁଥିପାଇଁ ପାଚନ ପ୍ରଣାଳୀ ପ୍ରଭାବିତ ହୋଇପାରେ। ଏଥି ପାଇଁ ଛାତିରେ ଜ୍ୱଳନ (ହାର୍ଟ ବର୍ନ) ଓ ଅଲର୍ସ ସମସ୍ୟା ହୋଇପାରେ। ଛିଡା ହୋଇ ପାଣି ପିଇଲେ ପାଣି ପ୍ରେସର ସହ ପେଟକୁ ଯାଇଥାଏ ଯାହାଫଳରେ ସବୁ ଅନଫିଲ୍ଟର କିନିଷ ବ୍ଲାଡରରେ ଜମା ହୋଇଯାଇଥାଏ ଏବଂ ଏହାର ସିଧା ପ୍ରଭାବ କିଡନୀ ଉପରେ ପଡିଥାଏ। କିଡନୀର କାମ ପାଣିକୁ ଛାଣିବା। ଛିଡା ହୋଇ ପାଣି ପିଇଲେ ତାହା ଠିକ ଭାବେ ଫିଲ୍ଟର ହୋଇପାରେନାହିଁ ଓ କିଡନୀରେ ଜମା ହୋଇଯାଇଥାଏ। ଯାହାଫଳରେ କିଡନୀ ସମସ୍ୟା ଓ ୟୁରିନ୍ ଇନଫେକ୍ସନ୍ ଓ ଜ୍ୱଳନ ସମସ୍ୟା ହୋଇଥାଏ। ଛିଡା ହୋଇ ପାଣି ପିଇଲେ ଭବିଷ୍ୟତରେ ଆଥରିଟିସ୍ ସମସ୍ୟା ମଧ୍ୟ ହୋଇପାରେ। ଛିଡା ହୋଇ ପାଣି ପିଇଲେ ଶରୀରରେ ଫ୍ଲୁଏଡ୍ ବାଲାନ୍ସ ମଧ୍ୟ ବିଗିଡି ଯାଇଥାଏ। ଗଣ୍ଠିରେ ଥିବା ଫ୍ଲୁଏଡକୁ ଏହା ପ୍ରଭାବିତ କରିଥାଏ। ଯେଉଁଥିପାଇଁ ଆଙ୍ଗୁଠି, ଆଣ୍ଠୁ, ଅଣ୍ଟା ଆଦିରେ ଯନ୍ତ୍ରଣା ହୋଇଥାଏ। ଛିଡା ହୋଇ ପାଣି ପିଇଲେ ଶୋଷ ମଧ୍ୟ ମେଣ୍ଟିନଥାଏ ଓ ବାରମ୍ବାର ଶୋଷ ହୋଇଥାଏ। ସେଥିପାଇଁ ବସି କି ଆରାମରେ ପାଣି ପିଇବା ଉଚିତ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର।



ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ ଅନ୍ୟ କାହା ସହ କଥାବାର୍ତ୍ତା ମଧ୍ୟ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

■ ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।

■ ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।

■ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।

■ ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।

■ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।

■ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।

■ ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।

■ ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

କଂଗ୍ରେସ ବିରୁଦ୍ଧରେ ବିଜେପି ଯୁବମୋର୍ଚ୍ଚାର ବିକ୍ଷୋଭ

ଭୁବନେଶ୍ୱର, ୧୮/୪ (ମହାଭାରତ) : ୫ହଜାରରୁ ଊର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ ମସିହାରେ ନ୍ୟାସନାଲ୍ ହେରାଲ୍ଡ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ ହୋଇଥିଲା। ଏହା ନେହେରୁ ପରିବାରର ବ୍ୟକ୍ତିଗତ ମାଲିକାନା ନଥିଲା। ଦେଶର ସ୍ୱାଧୀନତା ସଂଗ୍ରାମ ସେନାନୀଙ୍କ ବାର୍ତ୍ତାକୁ ସାରାଦେଶରେ ପହଁଚାଇବା ଏହି ସମ୍ବାଦପତ୍ରର ମୂଳ ଉଦ୍ଦେଶ୍ୟ ଥିଲା। ଭାରତବର୍ଷର ବିଭିନ୍ନ ସ୍ଥାନରେ ପ୍ରକାଶକ ଏଜେଏଲ୍ କମ୍ପାନୀ ଜରିଆରେ ନ୍ୟାସନାଲ୍ ହେରାଲ୍ଡ ନିଜର ଶାଖା ପ୍ରଶାଖା ଖୋଲି ଦେଶର ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିଲା। ପରବର୍ତ୍ତୀ ସମୟରେ ୯୦କୋଟି ଟଙ୍କାର ଆର୍ଥିକ ଋଣ ଦେଖାଇ ୨୦୦୮ ମସିହାରେ ଏହାକୁ କ୍ଷତି ଦର୍ଶାଇ ବନ୍ଦ କରିଦିଆଗଲା। କଂଗ୍ରେସର ତତ୍କାଳୀନ କୋଷାଧ୍ୟକ୍ଷ ମୋତିଲାଲ ଭୋରା ସେତେବେଳେ ଏହାର ନିର୍ଦ୍ଦେଶକ ଥିଲେ। ଅପରପକ୍ଷରେ ମାତ୍ର ୫୦ଲକ୍ଷ ଟଙ୍କା ଦେଇ ଏହି ସଂସ୍ଥାର ସମସ୍ତ ସମ୍ପତ୍ତି ୟଙ୍ଗ ଇଣ୍ଡିଆ ସଂସ୍ଥାକୁ ଦିଆଗଲା। ଯାହାର ୩୮ପ୍ରତିଶତ ଅଂଶଧନ ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ ୩୮ ପ୍ରତିଶତ ଅଂଶଧନ ରାହୁଲ ଗାନ୍ଧୀଙ୍କର ଥିଲା। ଅର୍ଥାତ୍ ମାତ୍ର ୫୦ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ଭୋପାଳ ଓ ପାଟନା ଠାରେ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତିକୁ ନିଜ ନାମରେ କରିଦିଆଗଲା। ବହୁଚର୍ଚ୍ଚିତ 'ନ୍ୟାସନାଲ ହେରାଲ୍ଡ ଦୁର୍ନୀତି'ର ପର୍ଦ୍ଦାଫାସ ହୋଇସାରିଛି। ଏହି ଘଟଣାରେ ଧରାପଡିବା ପରେ ମୋତିଲାଲଙ୍କ ସମେତ ପବନ ବଂଶଲ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ଜେରା କରିଛି। ଦଳର ନାମ ବ୍ୟବହାର କରି ସମସ୍ତ ବିଧି ବ୍ୟବସ୍ଥାକୁ ଉଲ୍ଲଙ୍ଘନ ସହିତ ମାତ୍ର ୫୦ଲକ୍ଷ ଟଙ୍କାରେ ୫ହଜାର କୋଟି ଟଙ୍କାର ସମ୍ପତ୍ତିକୁ ହାତେଇ ନେବା ଭଳି ଅଷ୍ଟମାଶ୍ଚର୍ଯ୍ୟ କରିଛି କଂଗ୍ରେସ ଦଳ।

ଏହି ଖବର ସରବରାହ ସଂସ୍ଥାକୁ କଂଗ୍ରେସ ଦଳ ଓ ଗାନ୍ଧୀ ପରିବାର ନିଜର ସମ୍ପତ୍ତି ଭଳି ବ୍ୟବହାର କରିଛି। ଯୁବସମାଜ କଂଗ୍ରେସ ଦଳକୁ କେବେ କ୍ଷମା ଦେବେ ନାହିଁ ବୋଲି ବିଜେପି ଭାରତୀୟ ଜନତାପାର୍ଟି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି।ଏନେଇ ମାଷ୍ଟର କ୍ୟାଂଟିନ୍ ଛକରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆଜି ବିଭୋକ୍ଷ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ଧାରଣା ଦେବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ୍ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଅତ୍ୟନ୍ତ ନିର୍ଲଜ କାମ କରୁଛି କଂଗ୍ରେସ ଦଳ। ଗତ ୪ବର୍ଷ ଧରି ନ୍ୟାସନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି। କୋର୍ଟରେ ସନ୍ତୋଷଜନକ ତଥ୍ୟ ଉପସ୍ଥାପନା କରିବା ପରିବର୍ତେ ଧାରଣା ଓ ପ୍ରଦର୍ଶନ କରାଉଛନ୍ତି। ଗତ ମଙ୍ଗଳବାର ଏହି ମାମଲାକୁ ନେଇ ଇଡି ପକ୍ଷରୁ ଚାର୍ଜସିଟ୍ ଦାଖଲ ହେବା ପରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇଛି। ଷଡଯନ୍ତ୍ର କରି ହଜାର ହଜାର କୋଟି ଟଙ୍କାର ସମ୍ପତ୍ତିକୁ ହଡପ କରିବାର ପ୍ରଚେଷ୍ଟା କରି କଂଗ୍ରେସ ଦଳ ବର୍ତମାନ ଧରାପଡିଛି। ଷଡଯନ୍ତ୍ରର ସମସ୍ତ ତଥ୍ୟ ଲୋକଲୋଚନକୁ ଆସିଛି। ଆଇନର ଊର୍ଦ୍ଧ୍ୱରେ କେହି ନୁହଁନ୍ତି। ଏହି ଘଟଣାରେ ବର୍ତମାନ ଜାମିନରେ ଥିବା ଉଭୟ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ମାନ୍ୟବର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ଆଶ୍ୱସ୍ତି ମିଳିଲାନାହିଁ। ଆସନ୍ତା ୨୧ ତାରିଖ ଦିନ ମାନ୍ୟବର ସୁପ୍ରିମକୋର୍ଟରେ ମାମଲାର ଶୁଣାଣୀ ଥିବା କାରଣରୁ ବିଭ୍ରାନ୍ତ ଓ ବାଚଳାମୀ କରି ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ 'ଇସ୍ୟୁ ଡାଇଭର୍ଟ' କରିବାର ପ୍ରଚେଷ୍ଟା କରାଯାଉଛି। ମାମଲା କୋର୍ଟ ବିଚାରଧୀନ ଥିବାବେଳେ ମାନ୍ୟବର କୋର୍ଟଙ୍କ ରାୟକୁ ଧର୍ଯ୍ୟର ସହ ଅପେକ୍ଷା କରିବା ଦରକାର।

ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ରାଜ୍ୟ ସଂଯୋଜକ ଚଣ୍ଡୀ ପ୍ରସାଦ ବେହେରା, ରଜତ ନାୟକ, ଜ୍ୟୋତି ରନ ମିଶ୍ର, ନିହାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ପତ୍ନୀଙ୍କୁ ମାଡ଼ ମାରି ହତ୍ୟା : ସ୍ୱାମୀ ଗିରଫ

ପାଟଣାଗଡ, ୧୮।୪ (ମହାଭାରତ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏହି ବ୍ଲକର ନେହେନାବନ୍ଧ ଗ୍ରାମରେ ଜୈନିକା ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମା' ଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ପରେ ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରିଛି।



ସୂଚନା ଅନୁସାରେ ୩ ବର୍ଷ ପୂର୍ବେ ନେହେନାବନ୍ଧର ଆଲୋକ ସାହୁଙ୍କୁ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ସେମେଲମୁଣ୍ଡା ଗ୍ରାମର କ୍ରିଷ୍ଣା ସାହୁ ବାହା ହୋଇଥିଲେ। ଉଭୟଙ୍କ ବର୍ଷକର ଏକ ସନ୍ତାନ ରହିଛି। ତେବେ ପରିବାରରେ ପ୍ରାୟତଃ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର କ୍ରିଷ୍ଣାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ନିଜ ଝିଅର ମୃତ୍ୟୁ ହୋଇଥିବା ଖବର ପାଇ ବାପଘର ଲୋକେ ପହଞ୍ଚିଥିଲେ।

ଘଟଣା ସମ୍ପର୍କରେ ପୁଲିସ ସୂଚନା ପାଇ ପହଞ୍ଚିବା ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି। ତେବେ ଏହା ଆତ୍ମହତ୍ୟା ନୁହେଁ ଓ ଶାଶୁ କଥାରେ ପଡ଼ି କ୍ରିଷ୍ଣାଙ୍କୁ ସ୍ୱାମୀ ଆଲୋକ ମାଡ଼ ମାରୁଥିବା ଅଭିଯୋଗ ହୋଇଛି। କ୍ରିଷ୍ଣାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ବାପା ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ମୃତ କ୍ରିଷ୍ଣା ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଷ୍ଟାଫ ନର୍ସ ଭାବେ କାମ କରୁଥିଲେ। ଶୁକ୍ରବାର ସକାଳେ କ୍ରିଷ୍ଣାଙ୍କୁ ତାଙ୍କ ସ୍ୱାମୀ ମାଡ ମାରୁଥିବା ନେଇ ଏକ ଭିଡିଓ ବାପାକୁ ପଠାଇଥିଲେ। ଘଟଣା ସମ୍ପର୍କରେ ଏସଡିପିଓ ସଦାନନ୍ଦ ପୂଜାରୀଙ୍କୁ ପଚାରିବାରୁ ସେ, ପୁଲିସ ଓ ସାଇଣ୍ଟିଫିକ ଟିମ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ କରିଛି ବୋଲି କହିଛନ୍ତି। କ୍ରିଷ୍ଣାଙ୍କ ବାପାର ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ପୁଲିସ ଅଭିଯୁକ୍ତ ସ୍ୱାମୀ ଆଲୋକକୁ ଥାନାକୁ ଆଣି ପଚରା ଉଚୁରା କରିଥିବା ସହ ଗିରଫ କରିଥିବା କହିଛନ୍ତି।

ମାଲେସିଆ ଗସ୍ତରେ ଗଲେ ଓଡ଼ିଶାର କୃଷକ ଓ ଅଧିକାରୀ

ଭୁବନେଶ୍ୱର, (ମହାଭାରତ: ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଡଓଓଚଉଜଇ) ଅଧୀନରେ ୨୮ ଜଣିଆ। କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣ ଭିତ୍ତିକ ମାଲେସିଆ। ଗସ୍ତକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ । ଆଜି ପୂର୍ବାହ୍ନ ୧୧ ଘଟିକାରେ କୃଷି ଭବନ ଅଡିଟୋରିଅମ୍ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ। ଟିମ କାଲିଠାରୁ ସପ୍ତାହବ୍ୟାପୀ ମାଲେସିଆ। ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ ଏବଂ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ। ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଥିଲେ। ଶ୍ରୀ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ରହିଛି । ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହାକୁ ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ । ଉନ୍ନତ କୌଶଳକୁ ଶିଖି ନିଜ ଅଂଚଳରେ ତାହାକୁ କାର୍ଯ୍ୟକାରୀ କରନ୍ତୁ। ଏହା ଆମ କୃଷୀ ଭଉଣୀଙ୍କ ଆୟକୁ ଦୁଇଗୁଣା କରିବାରେ ସହାୟକ ହେବ।

କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ଆଜିର ସମୟରେ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇ କୁ ଚଉଳ ଯୋଗାଉଛି। ଗତବର୍ଷ ୧୪.୩ ମିଲିୟନ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିଲା। ସେହିପରି, ୧୪.୪୮ ମିଲିୟନ୍ ଟନର କେବଳ ଫଳ ଓ ପନିପରିବା (ଉଦ୍ୟାନ ଫସଲ) ଉତ୍ପାଦିତ ହୋଇଛି। ଏତଦବ୍ୟତୀତ, ଓଡ଼ିଶା ଆଜି ପୋଟଳ, ଭେଣ୍ଡି, ସଜନା ଛୁଇଁ, ଅମୃତଭଣ୍ଡା, ଆମ୍ବ ଆଦିର ରପ୍ତାନୀ ଦୁବାଇ ଓ ଅନ୍ୟାନ୍ୟ ଦେଶକୁ କରିବାରେ ସକ୍ଷମ ହୋଇଛି । କେବଳ ଅଧିକାରୀ ନୁହଁନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଏହି ପ୍ରଶିକ୍ଷଣ ସେମାନଙ୍କ ବିଦେଶ ଯାତ୍ରାର ସ୍ୱପ୍ନକୁ ସାକାର କରିବା ସହିତ ଜ୍ଞାନ ଆହରଣର ଅବସର ଆଣି ପାରିଛି। ଡ. ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଚାଷୀମାନେ ହେଉଛନ୍ତି ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି କହିଥିଲେ।

ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ନିଖିଲ ପଓ୍ୱନ କଲ୍ୟାଣ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ବାର୍ଡ (ଇଓଜଉ) ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଶ୍ରୀ ନିରୂପମ ମେହ୍ରୋତ୍ରା, ନାବାର୍ଡ ସିଜିଏମ୍ ଡ଼ ସୁଧାଂଶୁ ମିଶ୍ର, ଓପିକ୍ରା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କୃଷକ ଏବଂ ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ।

ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟରେ ଜଙ୍ଗଲ ଜମିର ତ୍ୱରିତ ମଞ୍ଜୁରୀ

ଭୁବନେଶ୍ୱର ,୧୮।୪(ମହାଭାରତ): ଓଡ଼ିଶାରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟରେ ସଂପୃକ୍ତ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀକୁ ତ୍ୱରିତ ଗତିରେ ଏବଂ ସୁଚାରୁ ଭାବେ କରିବା ନିମନ୍ତେ ସମ୍ପୃକ୍ତ ବିଭାଗ ଏବଂ ଜଙ୍ଗଲ ବିଭାଗ ମଧ୍ୟରେ ନିୟମିତ ସମନ୍ୱୟର ଆବଶ୍ୟକତା ରହିଛି । ଏହାକୁ ହୃଦୟଙ୍ଗମ କରି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ସାପ୍ତାହିକ ସମୀକ୍ଷା ବୈଠକ ଜଙ୍ଗଲ ବିଭାଗର ମୁଖ୍ୟ ଦପ୍ତର ଠାରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନୋଡାଲଙ୍କର ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗ ମାନଙ୍କ ସହ ଆୟୋଜନ କରି ପ୍ରକଳ୍ପ ମାନଙ୍କରେ ଥିବା ଜଂଗଲ ଜମିର ମଞ୍ଜୁରୀ ସଂକ୍ରାନ୍ତରେ ରହିଥିବା ବିଭିନ୍ନ ସମସ୍ୟାର ତ୍ୱରିତ ଏବଂ ସୁଚାରୁ ସମାଧାନର ବ୍ୟବସ୍ଥା କରିବାପାଇଁ ନିଷ୍ପତି ନିଆଯାଇଛି।

ଏହି କ୍ରମରେ ଆଜି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କର ଅଧ୍ୟକ୍ଷତାରେ ପ୍ରଥମ ସମୀକ୍ଷା ବୈଠକ, ଜଙ୍ଗଲ ବିଭାଗର ମୁଖ୍ୟ ଦପ୍ତର ଠାରେ ଆୟୋଜିତ ହୋଇଯାଇଛି । ଆଜିର ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କର ଅଧୀନସ୍ଥ ରେଳ ମନ୍ତ୍ରାଳୟର ଛଅଗୋଟି (୬), ଗ୍ୟାସ ଅଥରିଟି ଅଫ ଇଣ୍ଡିଆର ଏକଗୋଟି (୧), ଇଣ୍ଡିଆନ ଅଏଲ କର୍ପୋରେସନର ଏକଗୋଟି (୧), ରାଜ୍ୟ ସରକାରଙ୍କର ଅଧୀନସ୍ଥ ଏକଲବ୍ୟ ମଡ଼େଲ ରେସିଡେନ୍ସିଆଲ ସ୍କୁଲର ଆଠଗୋଟି (୮), ଜଳ ସମ୍ପଦ ବିଭାଗର ତିନିଗୋଟି (୩), ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନର ସାତଗୋଟି (୭), ଏହିଭଳି ସର୍ବମୋଟ ୨୬ ଗୋଟି ପ୍ରକଳ୍ପର ଅଗ୍ରଗତି ଏବଂ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀ ଦିଗରେ ରହିଥିବା ସମସ୍ୟା ବାବଦରେ ବିଶଦ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରାଗଲା । ଆଗାମୀ ସପ୍ତାହଗୁଡିକରେ ଏହି ସମୀକ୍ଷା ବୈଠକ ପ୍ରତ୍ୟେକ ମଙ୍ଗଳବାର ଦିନ ଅନୁଷ୍ଠିତ କରାଯାଇ ଉପରୋକ୍ତ ପ୍ରକଳ୍ପ ଏବଂ ନୂତନ ପ୍ରକଳ୍ପଗୁଡିକରେ ସଂପୃକ୍ତ ଜଙ୍ଗଲ ଜମିର ଚୂଡାନ୍ତ ମଞ୍ଜୁରୀକୁ ତ୍ୱରିତ ଗତିରେ ଏବଂ ସୁଚାରୁ ଭାବେ କରିବା ନିମନ୍ତେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି ।

ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟିଲେ ସ୍ପେନ୍ ରାଷ୍ଟ୍ରଦୂତ

ଭୁବନେଶ୍ୱର,୧୮।୪ (ସ୍ୱାଧିକାର ନ୍ୟୁଜ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ।)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏବଂ ସ୍ପେନ୍ର ରାଷ୍ଟ୍ରଦୂତ ହିଜ ଏକ୍ସିଲେନ୍ସି ଜୁଆନ୍ ଆନ୍ଟୋନିଓ ମାର୍ଚ ପୁଜୋଲଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଛି। ସ୍ପେନର ରାଷ୍ଟ୍ରଦୂତ ଭାବେ ସେ ଏକାସଂଗେ ଭାରତ, ଭୁଟାନ, ନେପାଳ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପକୁ ପ୍ରତିନିଧିତ୍ୱ କରୁଛନ୍ତି । ଆଜି ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଫେସର ନାୟକଙ୍କ ସହ ସାକ୍ଷାତ ସମୟରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ଆଲୋଚନା କରିବା ସହ ସୋଆରେ ସ୍ପାନିଶ ଭାଷାର ଶିକ୍ଷାକୁ ନେଇ ମଧ୍ୟ ଆଲୋଚନା କରିଥିଲେ।

ଆଜି ଇଡି ଅଫିସ ଘେରିବ ଯୁବ କଂଗ୍ରେସ

ଭୁବନେଶ୍ୱର, ୧୮।୪(ମହାଭାରତ) : ମୋଦି ସରକାରଙ୍କ ପ୍ରତିହିଂସା, ମନମାନି ଓ ସରକାରୀ କଳର ଅପବ୍ୟବହାର ବିରୁଦ୍ଧରେ ଆସନ୍ତାକାଲି(ଶନିବାର) ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମୁକେଶ ଦେଶମୁଖ ଯୋଗଦାନ କରିବେ।

ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ତଥା ସାଂସଦ ସୋନିଆ ଗାନ୍ଧୀ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ବିରୁଦ୍ଧରେ ପ୍ରବର୍ତନ ନିର୍ଦ୍ଦେଶାଳୟ ଯେଉଁ ଚାର୍ଜସିଟ ଦାଖଲ କରିଛି।

ଅଚ୍ୟୁତ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର

ଭୁବନେଶ୍ୱର,୧୮।୪(ମହାଭାରତ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଆଜି ଆସାମର କୋକ୍ରାଝରଠାରେ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଏବଂ ସାମାଜିକ ସଶକ୍ତିକରଣ ଜରିଆରେ ସମାଜ ପ୍ରତି ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଆସାମରେ 'ମେଚ ଗାନ୍ଧୀ' ଭାବେ ପରିଚିତ ବୋଡ଼ୋ ସଂପ୍ରଦାୟର ବିଶିଷ୍ଟ ସମାଜ ସଂସ୍କାରକ ତଥା ଆଧ୍ୟାତ୍ମିକ ଗୁରୁ ଗୁରୁଦେବ କାଳୀଚରଣ ବ୍ରହ୍ମା ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ପ୍ରଚାର ଦିଗରେ ନିଜକୁ ସମର୍ପିତ କରିଦେଇଥିଲେ। ପ୍ରତିବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ଖ୍ୟାତି ସଂପନ୍ନ ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଏହି ଆଧ୍ୟାତ୍ମିକ ଗୁରୁଙ୍କ ୧୬୬ତମ ଜନ୍ମବାର୍ଷିକୀ ଅବସରରେ ଶ୍ରୀ ସାମନ୍ତଙ୍କ

ମେଧାବୀଙ୍କ ଆତ୍ମହତ୍ୟା

ଆମ ଦେଶରେ ଛାତ୍ର ଆତ୍ମହତ୍ୟା ଘଟଣା ନୂଆ ନୁହେଁ କିନ୍ତୁ ଦେଶରେ ସବୁଠାରୁ ଖ୍ୟାତିସମ୍ପନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥା (ଆଇଆଇଟି)ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଉଦ୍‌ବେଗଜନକ ଭାବେ ବଢିବାରେ ଲାଗିଛି। ଏକ ସରକାରୀ ରିପୋର୍ଟରେ କୁହାଯାଇଛି ଯେ, ଗତ ୫ବର୍ଷ ତଥା ୨୦୧୯ରୁ ୨୦୨୪ ମଧ୍ୟରେ ପ୍ରାୟ ୨୦ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖ୍ୟାତି ସମ୍ପନ୍ନ ଆଇଆଇଟି ବମ୍ବେ, ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ, ଆଇଆଇଟି କାନପୁର, ଆଇଆଇଟି ଖଡଗପୁର, ଆଇଆଇଟି ରୋପଡ, ଆଇଆଇଟି ଗୌହାଟିରେ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବଢିଚାଲିଥିବାବେଳେ ଦେଶର ସୁବଠାରୁ ସର୍ବାଧିକ ଆତ୍ମହତ୍ୟା ପ୍ରବଣ ବୋଲି ରିପୋର୍ଟରେ କୁହାଯାଇଛି। ଆଉ କେତେକ ଆଇଆଇଟି ଛାତ୍ର ଆତ୍ମହତ୍ୟା ଘଟଣା ପ୍ରକାଶ କରୁନଥିବାରୁ ପ୍ରକୃତ ସଂଖ୍ୟା ଜଣାପଡୁନାହିଁ। ଏହା ଉପରକୁ ହେଲେ ହୁଏତ ଅପମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କା ରହିଛି। ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଆଇଆଇଟି ଦିଲ୍ଲୀରେ ୨୦୧୯ରୁ ୨୦୨୪ ମଧ୍ୟରେ ୭ଟି ଆତ୍ମହତ୍ୟା ଘଟଣା ଘଟିଥିବାବେଳେ ୨୦୨୩ ଏବଂ ୨୦୨୪ ବର୍ଷରେ କେବଳ ୫ଜଣ ଛାତ୍ରଛାତ୍ରୀ ଜୀବନ ହାରିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ମହାମାରୀ କୋରୋନା କାଳରେ ଛାତ୍ର ଆତ୍ମହତ୍ୟା ଘଟଣା ହ୍ରାସ ପାଇଥିବାବେଳେ ଗତ ଦୁଇ ଧରି ଏହି ଦୁଃଖଦ ଘଟଣା ବୃଦ୍ଧି ପାଇଁ ରିପୋର୍ଟ ସୂଚନା ପ୍ରଦାନ କରେ। ତେବେ ଛାତ୍ରଛାତ୍ରୀମାନେ କାହିଁକି ଏଭଳି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଅନୁଧ୍ୟାନ ଏକ ୧୨ଜଣିଆ ତଦନ୍ତ କମିଟି ଦିଲ୍ଲୀ ଆଇଆଇଟି କର୍ତୃପକ୍ଷ ଗଠନ କରିଥିଲେ। ଗତ ବର୍ଷ ସପ୍ଟେମ୍ବର ମାସରେ କମିଟି ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ତେବେ କମିଟି କରିଥିବା ସୁପାରିଶ ପ୍ରତିଷ୍ଠାନ କାର୍ଯ୍ୟକାରୀ କରିବ କି ନାହିଁ, ତାହା ସ୍ପଷ୍ଟ ଜଣାପଡି ନଥିବାବେଳେ ଇତି ମଧ୍ୟରେ ତଥା କମିଟି ରିପୋର୍ଟ ପ୍ରଦାନ କରିବା ପରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ଜଣାଯାଏ। ଏହି ରିପୋର୍ଟ କେବଳ ଦିଲ୍ଲୀ ଆଇଆଇଟି ନୁହେଁ, ଦେଶର ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା ଘଟଣା ବୃଦ୍ଧି ନେଇ ଆଲୋକପାତ କରୁଛି। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ମେଧାବୀ ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ଅତ୍ୟନ୍ତ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି, ଯାହାକି ଜାତୀୟ ଜନସଂଖ୍ୟା ବୃଦ୍ଧି ହାରଠାରୁ ଅଧିକ ଆଇଆଇଟି ଦିଲ୍ଲୀ ଘଟଣାରେ ରିପୋର୍ଟରେ କୁହାଯାଇଛି ଯେ, ଅତ୍ୟଧିକ ଚାପ, ଅଧ୍ୟୟନଜନିତ ତୀବ୍ର ପ୍ରତିଯୋଗିତା, ଜାତି ଓ ଲିଙ୍ଗଗତ ବାଛବିଚାର ଏବଂ ଶିକ୍ଷାନୁଷ୍ଠାନରେ ପକ୍ଷପାତିତା ଛାତ୍ରଛାତ୍ରୀଙ୍କ ଜୀବନ ହାରିବା ପଛରେ ମୁଖ୍ୟ କାରଣ। ସେହିପରି ଫୋରମ ଫର କାଷ୍ଟ (ଜାତି) ଜଷ୍ଟିସ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଦର୍ଶାଯାଇଛି । ଗତ ବାଛବିଚାର ଚରମ ସୀମାରେ ପହଁଚିଛି। ସେହିପରି ଗରିବ ଛାତ୍ରଛାତ୍ରୀଙ୍କ ଆର୍ଥିକ ଅଭାବ, ପ୍ରତିଯୋଗିତାରେ ସାମିଲ ହୋଇନପାରିବାର ଗ୍ଲାନି, ଯାହାକି ସେମାନଙ୍କୁ ହତବୁଦ୍ଧି କରିଦେଉଛି। ତେବେ ଯେଉଁ କାରଣଗୁଡିକ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି, ତାହାର ନିରାକରଣ ପାଇଁ କମିଟି କରିଥିବା ସୁପାରିଶଗୁଡିକ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷା, ଓ କର୍ମଚାରୀଙ୍କୁ ଏକାଠି ସମାନତା ଏବଂ ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ ଉପରେ ବାଧ୍ୟତାମୂଳକ ତାଲିମ, ଛାତ୍ରଛାତ୍ରୀଙ୍କୁ ନିୟମିତ କାଉନସେଲିଂ, ବାଛବିଚାର ନିଷିଦ୍ଧ ଆଇନକୁ କଡାକଡି ଭାବେ କାର୍ଯ୍ୟ କରିବା ଆଜି ଅର୍ନ୍ତଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସ୍କୋରଭିତିକ ଶିକ୍ଷା ବ୍ୟବସ୍ଥାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ନିରନ୍ତର ଚାପ ଏବଂ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡିକରେ ପଢିବା ପାଇଁ ଚରମ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଉପରେ ଭୟଙ୍କର ବୋଝ ପକାଉଛି ବୋଲି ନିକଟରେ ସୁପ୍ରିମକୋର୍ଟ ଯାହା କହିଥିଲେ, ତାହା ଯଥାର୍ଥତା ବହନ କରେ ଏବଂ ଏହା ଉପରେ ଧ୍ୟାନ ଦିଆଯିବା ଜରୁରୀ। ଏବେ ଛାତ୍ରଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଏବଂ ଆତ୍ମହତ୍ୟା ରୋକିବା ପାଇଁ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହାର ସଫଳତା ନେଇ ଟାସ୍କ ଫୋର୍ସକୁ ଶିକ୍ଷାନୁଷ୍ଠାଗୁଡିକ ସମସ୍ତ ପ୍ରଭାର ସହଯୋଗ କରିବା ଏକାନ୍ତ ଜରୁରୀ। ସେହିପରି ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ। ଏହା ସତ୍ତ୍ୱେ ପିଲାଙ୍କ ପାରିବାର ତଥା ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ ହେବା ଜରୁରୀ, ଯାହାକି ମାର୍କ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା

ଡାକ୍ତର ସମ୍ରାଟ କର

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା। ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି। ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥୁଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି। ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ। ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ। ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏକଥା ମନସ୍ତତ୍ତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ। କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଲାନ୍ତି। ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି। ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ। ଗୋଟିଏ ନାଚର ଟ୍ରେଣ୍ଡ (କ୍ରମଶଃ

ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ। ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଣ୍ଡଟି ପ୍ରତିସ୍ଥାପିତ ହୋଇପାରେ। ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ। କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି। ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ। ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି। କଙ୍କିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି। ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି। ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି। ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି।ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି।

ଭାରତୀୟ ଦର୍ଶନରେ ସାରାବିଶ୍ୱ ଏକ ପରିବାର

ଗୋପାଳ ମହାପାତ୍ର

ପୂର୍ବ କାଳରେ ରାଜ୍ୟ ଶାସନ ବା ଗାଦି ପାଇଁ ରାଜାମାନେ ଯୁଦ୍ଧ ଲଢୁଥିଲେ। କିନ୍ତୁ ଏବେ ସେଇ ପରମ୍ପରା ବଦଳିଯାଇଛି ଓ ଶାସନ ଗାଦି ପାଇଁ ନିର୍ବାଚନ ଲଢ଼ିବା ବ୍ୟବସ୍ଥାକୁ ଆମେ ଆପଣେଇ ନେଇଚେ। ଯୁଦ୍ଧ ଏବଂ ନିର୍ବାଚନରେ ଏକ ମୌଳିକ ପାର୍ଥକ୍ୟ ରହିଛି। ଯୁଦ୍ଧ ଶତ୍ରୁଭାବରେ ଲଢା ଯାଉଥିଲା କିନ୍ତୁ ନିର୍ବାଚନ ବନ୍ଧୁଭାବରେ ଲଢାଯାଉଥିଲା ଯଦିଓ ଏହି ଭାବରେ ଏବେ କିଛି ପରିବର୍ତ୍ତନ ହୋଇଛି। ଯୁଦ୍ଧରେ ଲଢେଇ ଶତ୍ରୁପକ୍ଷ ସହ ହୋଇଥାଏ, କିନ୍ତୁ ନିର୍ବାଚନରେ ଲଢ଼ିବାବାଲା, ପ୍ରତି ପକ୍ଷ ହୋଇଥାଏ। ଯୁଦ୍ଧରେ ଶରୀର ଏବଂ ପ୍ରାଣର ବଳି ଅର୍ଥାତ୍ ହତ୍ୟାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଉଥିଲା। କିନ୍ତୁ ନିର୍ବାଚନରେ ମନ ଏବଂ ବୁଦ୍ଧି ଅର୍ଥାତ୍ ତର୍କ ମାଧ୍ୟମରେ ନିଜର ବର୍ଚ୍ଚସ୍ୱସ୍ଥାପିତ କରାଯାଇଥାଏ। ଶାସନ ଗାଦି ପ୍ରାପ୍ତି ପରମ୍ପରାର ଏହି ମୌଳିକ ପରିବର୍ତ୍ତନ ବିଷୟରେ ଅର୍ଥାତ୍ ଯୁଦ୍ଧ ତ୍ୟାଗ କରି ନିର୍ବାଚନର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇବା ପ୍ରସଙ୍ଗରେ ଥିବା କାରଣ ସମ୍ପର୍କରେ ଜାଣିବା ମଧ୍ୟ ଜରୁରୀ। ଏହି ପୃଷ୍ଠଭୂମୀରେ ଶସ୍ତ୍ର ଏବଂ ଶାସ୍ତ୍ରର ସମନ୍ୱୟ ରକ୍ଷା କରୁଥିବା ଆମ ସମ୍ବିଧାନକୁ ବୁଝିବା ମଧ୍ୟ ଜରୁରୀ।

ପୌରାଣିକ କାଳର ବିଚାର ନକରି ଆମେ ବିଗତ ୨୦୦୦ ବର୍ଷ ତଳର ଘଟଣାକ୍ରମକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଭାରତରେ ନିଜ ନିଜର ଭୌଗୋଳିକ ପରିଧି ମଧ୍ୟରେ ରହି ରାଜ୍ୟ ଶାସନ କରୁଥିବା ତଥା ନିଜ ରାଜ୍ୟର ସୁରକ୍ଷା ପାଇଁ ଅଥବା ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିଥିବା ଶହ ଶହ ରାଜା ଥିଲେ। ରାଜ୍ୟ କାରଣରୁ ଭୌଗୋଳିକ ବିଭାଜନ ସତ୍ତ୍ୱେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବାର କାମ ସାଧୁ-ସନ୍ଥ ଏବଂ ମୂନୀ ଋଷି ଏପରିକି କଳାକାର ଏବଂ ସାହିତ୍ୟକ ମାନେ କରୁଥିଲେ। ରାଜ୍ୟ ବ୍ୟବସ୍ଥା ଏଇ ସଂସ୍କୃତି ସାଧକଙ୍କ ପାଇଁ ବାଧକ ନଥିଲା ବରଂ ସହାୟକ ଥିଲା। କାରଣ ଭାରତ- ରାଷ୍ଟ୍ରର ସାଂସ୍କୃତିକ ଚିନ୍ତନରେ – "ଏକ୍ ସତ୍ ବିପ୍ରା ବହୁଧା ବଦିନ୍ତ" କଥାଟା ସର୍ବମାନ୍ୟ ଥିଲା। ସତ୍ୟ ଯଦିଓ ଏକ କିନ୍ତୁ ବିଦ୍ୱାନ ବା ଜ୍ଞାନୀ ମାନେ ଏହାର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ ବିଭିନ୍ନ ରୂପରେ କରିଥାନ୍ତି। ଏହି ଭାବ ରାଜା ଏବଂ ପ୍ରଜାଙ୍କ ସ୍ୱଭାବରେ ଥିଲା। ପରିଣାମ ସ୍ୱରପ ବିଭିନ୍ନ ପନ୍ଥା/ ଧର୍ମର ସହଅସ୍ତିତ୍ୱ ଏଇ ଭାରତର ପରିଚୟ ଥିଲା। ଶୈବ, ଶାକ୍ତ, ବୈଷ୍ଣବ, ଆଦିଙ୍କ ସହ ଜୈନ, ବୁଦ୍ଧ, ଆଦି ପନ୍ଥାଧର୍ମକୁ ଭାରତୀୟ ସମାଜ ଆପଣେଇ ନେଇଥିଲା।

ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ , ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା' ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ ଆର୍ଥୀକ ସମ୍ପଦ ମଧ୍ୟ ଭରିରହିଥିଲା ଓ ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡିଆ' ବୋଲି କହୁଥିଲେ। "ଶତ ହସ୍ତେ ସମାହାର ସହସ୍ର ହସ୍ତେ ବିକିର' ଏହି ସୁତ୍ରର ଆଧାରରେ ଶହେ ହାତରେ ଜ୍ଞାନ ସମ୍ପଦ ତଥା ଆର୍ଥୀକ ସମ୍ପଦ ଯୋଗାଡ଼ କରି ଜନସ୍ୱାର୍ଥ ପାଇଁ ହଜାର ହାତରେ ବିତରଣ କରିବା ଭାରତବାସୀ ତଥା ଭାରତବଂଶୀଙ୍କ ସ୍ୱଭାବ ଥିଲା। ଏହି ଉଦାରମନା ଭାରତୀୟ ସମାଜ ସାରା ବିଶ୍ୱକୁ ପରିବାର ଭାବରେ "ବସୁଧେଅବ କୁଟୁମ୍ବକମ୍" ରପରେ ଦେଖିବାକୁ ଲାଗିଲା। ୨୦୦୦ ବର୍ଷ ପୁର୍ବେ ପଶ୍ଚିମୀ (ୟୁରୋପ) ଦେଶରୁ ଏମିତି ଏକ ଚିନ୍ତନ ଜନ୍ମନେଲା ଯାହା ବିଶ୍ୱକୁ ପରିବାର ନୁହେଁ ବଜାର ଭାବେ ଦେଖିବାକୁ ଲାଗିଲା। ବଜାରରେ ନିଜର ସ୍ଥିତି ଜାହିର କରିବା ପାଇଁ ଛଳ –କପଟ, ଚାତୁର୍ଯ୍ୟର ସାହାଯ୍ୟ ନିଆଯାଇଥାଏ। ଏହି ଛଳ କପଟ ରାସ୍ତାକୁ ସେମାନେ ଆଦରି ନେଇଥିଲେ ଓ ନିଜର ଲକ୍ଷ ପ୍ରାପ୍ତି ପାଇଁ ବାଇବେଲ ନାମକ ଏକ ଧାର୍ମିକ ଗ୍ରନ୍ଥର ରଚନା କରିଥିଲେ ଏବଂ ତାକୁ ପାଥେୟ କରି ବ୍ୟବସାୟ ସହ ସେମାନେ ତାଙ୍କ ଧର୍ମର ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଧିରେ ଧିରେ ଖ୍ରୀଷ୍ଟ ଧର୍ମ ନାମକ ଧର୍ମ ଅନ୍ୟ ଦେଶ ମାନଙ୍କ ସହ ଭାରତରେ ବ୍ୟାପିବାରେ ଲାଗିଲା।

ଏହାର ପାଖାପାଖି ୫୦୦ ବର୍ଷପରେ ପୁନଃ ଏକ ନୂଆ ବିଚାର ଜନ୍ମନେଲା। ପୁରୁଷ ପ୍ରଧାନ ଏହି ବିଚାର ବା ଚିନ୍ତନ ନାରୀ ତଥା ପ୍ରକୃତିକୁ ଉପଭୋଗର ବସ୍ତୁ ଭାବେ ଚିତ୍ରିତ କରିବା ସହ ଏସବୁ ଉପରେ କବ୍‌ଜା ଜମାଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଲେ। ଏମାନେ କୁରାନ ନାମକ ଗ୍ରନ୍ଥର ରଚନା କରି ଇସଲାମ ଧର୍ମର ସ୍ଥାପନା କରି ଥିଲେ। କେବଳ ଛଳ କପଟ ନୁହେଁ ଶସ୍ତ୍ରର ସାହାଯ୍ୟରେ ଏହି ଧର୍ମର ବିସ୍ତାର ଆରମ୍ଭ ହେଲା। ପାଖାପାଖି ୪୦୦ ବର୍ଷ ମଧ୍ୟରେ ଅନେକ ଦେଶରେ ନିଜର ସ୍ଥିତି ସୁଦୃଢ଼ କରି ଏମାନେ ଭାରତ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ। ଭାରତର ଉଦାରତା ଏମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଛୋଟ ଛୋଟ ରାଜ୍ୟର ରାଜା ମାନଙ୍କ ମଧ୍ୟରେ ଥିବା ମତାନ୍ତର ଓ ପରସ୍ପର ମଧ୍ୟରେ ଲଢେଇ ଏମାନଙ୍କୁ ସୁହାଇଥିଲା। କ୍ରମାଗତ ଭାବେ ୭୦୦ ବର୍ଷ ସେମାନେ ଭାରତର ଅନେକ ଛୋଟ ଛୋଟ ରାଜ୍ୟର ରାଜାମାନଙ୍କ ସହାୟତାରେ ଏହି ଭୂଭାଗରେ ଶାସନ କରିଥିଲେ। ଇସଲାମ ଧର୍ମର ବିସ୍ତାର ପାଇଁ ଅନ୍ୟ ଧର୍ମର ମାନ୍ୟତା ଉପରେ, ପ୍ରତୀକ ଉପରେ ଏବଂ ସାଧନା କେନ୍ଦ୍ର ଉପରେ ଆକ୍ରମଣ କରିବା ସହ ଶିକ୍ଷା କେନ୍ଦ୍ରକୁ ନଷ୍ଟ କରିବା ଥିଲା ଏମାନଙ୍କ ରଣନୀତି।

ଭାରତ ପାଇଁ ଏହା ଉପେକ୍ଷିତ ନଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜା ମାନଙ୍କ ମଧ୍ୟରେ ମତଭେଦ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତି ର ସାହାଜ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାଷ କେବଳ ରାଜକୀୟ ଗାଦି ପାଇଁ ନଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ। ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟ ଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୁର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।

ରାମଚନ୍ଦ୍ରପୁର, ରଣପୁର
ମୋ :୯୪୩୮୪୮୫୦୯୪

କାହାଣୀର ମହାନାୟକ, ଜନନାୟକ, ସେ ବିଜୁ ବାବୁ

ବିକ୍ରମ

ଆସିକା ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ଦାବୀ

ଆସିକା, (ମହାଭାରତ) : ଆସିକା ପୁରୁଣା ବସଷ୍ଟାଣ୍ଡଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ସକାଶେ ବହୁ ବର୍ଷ ହେଲା ଦାବୀ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନିରବ। ଆସିକା ହେଉଛି ଗଞ୍ଜାମ ଜିଲ୍ଲାର ପ୍ରମୁଖ ବ୍ୟବସ୍ୟାୟିକ ପେଣ୍ଠ ସ୍ଥଳୀ ଏହି ବହୁ ପୁରାତନ ସହର ଉପରେ ଆଖ ପାଖ ପ୍ରାୟ ୨୫ କିଲୋମିଟର ରୁ ଉର୍ଦ୍ଧ ଅଞ୍ଚଳ ବାସୀ ନିର୍ଭର କରିଥାନ୍ତି କିନ୍ତୁ ଦୁଃଖର ବିଷୟ ୯ଦେଶ ସ୍ୱାଧୀନତାର ୭୭ ବର୍ଷ ପରେ ବି ଆସିକା ଦେଇ ଯାଇଥିବା ୧୫୭ ନମ୍ବର ଜାତୀୟ ରାଜପଥର ଆସିକା କଳିଙ୍ଗ ରୋଡର ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଜନସାଧାରଣଙ୍କ ସୁବିଧା ଲାଗି ପ୍ରଶାସନ ପକ୍ଷରୁ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ସମ୍ଭବପର ହୋଇନଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସକାଳୁ ରାତ୍ର ପର୍ଯ୍ୟନ୍ତ ସଦାସର୍ବଦା ଜନଗହଳିପୂର୍ଣ୍ଣ ରହୁଥିବା ଆସିକା ବିଜୁ ପଟ୍ଟନାୟକ ଛକରୁ ଦୈନିକ ଶହ ଶହ ଯାନବାହାନ ଚଳ ପ୍ରଚଳ କରୁଥିବା ବେଳେ ଆସିକା କୁ ପ୍ରବେଶ ପାଇଁ ଉଦ୍ଦିଷ୍ଟ କଳିଙ୍ଗ ରୋଡର ପୁରୁଣା ବସଷ୍ଟାଣ୍ଡ ଛକରୁ ଦୈନିକ ଶହ ଶହ ଗାଡି ମଧ୍ୟ ବିଭିନ୍ନ ଦିଗକୁ ଚଳାଚଳ କରିଥାଏ । ସଦାସର୍ବଦା ବ୍ୟସ୍ତବହୁଳ ଓ ଜନ ଗହଳି ପୂର୍ଣ୍ଣ ରହୁଥିବା ଆସିକା ପୁରୁଣା ବସଷ୍ଟାଣ୍ଡ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବୀ ହେଉଛି। ପ୍ରକାଶ ଥାଉକି ଆସିକା ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ହୋଇନଥିବା ଯୋଗୁଁ ବିଭିନ୍ନ ସମୟରେ ବହୁ ଅମାନିଆ ଗାଡି ଚାଳକ ଓ କେତେକ ଯୁବପିଢୀ ମନଇଚ୍ଛା ଗଳାବାଟ ଦେଇ ରାସ୍ତା ଅତିକ୍ରମ କରୁଥିବା ଦେଖିବାକୁ ମିଳୁଛି । ଉକ୍ତ ବ୍ୟସ୍ତବହୁଳ ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଟିକିଏ ଅସାବଧାନତା କିମ୍ବା ଆଖି ଏପଟେ ସେପଟ ହୋଇଗଲେ ଦୁର୍ଘଟଣା ଘଟିବା ଥୟ ଓ କେତେବେଳେ କାହାର ଜୀବନ ଦୀପ ଅକାଳରେ ଲିଭିବ ତାହା କହିବା ମୁସ୍କିଲ ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଶହ ଶହ ଜନତାଙ୍କ ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରି ଆସିକା ପୁରୁଣା ବସଷ୍ଟାଣ୍ଡ ଛକ ଓ ବିଜୁ ପଟ୍ଟନାୟକ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳ ବାସୀ ମତ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି।

ସା-ରେ-ଗା-ମା ର ୩୫ ତମ ବିଷୁବ ଉତ୍ସବ ଓ ସଂଗଠନ ର ନୂତନ କର୍ମକର୍ତ୍ତା ଚୟନ

ଅନୁଗୋଳ, (ମହାଭାରତ) : ନାଲକୋନଗର ସ୍ଥିତ ସେବା ଓ ସାଂସ୍କୃତିକ ର ଅଗ୍ରଣୀ ଅନୁଷ୍ଠାନ "ସାରେଗାମା " ର ୩୫ ତମ ବାର୍ଷିକ, ବିଷୁବ ଉତ୍ସବ ତଥା ଓଡ଼ିଆ ନବ ବର୍ଷ ଆର୍ଯ୍ୟବର୍ତ୍ତ ପ୍ରେକ୍ଷେଳୟ ରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ର ସହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲକୋର ସମୂହ ମହାପ୍ରବନ୍ଧକ ସକିଲୁର ରହେମନ, ସମ୍ମାନିତ ଅତିଥି ଭାବେ ନାଲକୋ ମୁଖ୍ୟ କାର୍ଯ୍ୟାଳୟର ସମୂହ ମହାପ୍ରବନ୍ଧକ (ପ୍ରୋଜେକ୍ଟ) ଅମରେନ୍ଦ୍ର ମିଶ୍ର, ସମୂହ ମହାପ୍ରବନ୍ଧକ (ସି ପି ପି) ସତ୍ୟବାଦୀ ମିଶ୍ର, ସମୂହ ମହାପ୍ରବନ୍ଧକ (ମାନବ ସମ୍ବଳ) ଶୁଭେନ୍ଦୁ କୁମାର ନାୟକ, ସମୂହ ମହାପ୍ରବନ୍ଧ (ଓ ଆଣ୍ଡ ଏମ - କାଷ୍ଟ ହାଉସ) ଦିଲ୍ଲୀପ କୁମାର ବାଗ, ସମୂହ ମହାପ୍ରବନ୍ଧ (ଓ ଆଣ୍ଡ ଏମ - କାର୍ବନ ପ୍ଲାଣ୍ଟ) ଅକ୍ଷୟ କୁମାର ବେହେରା, ସମୂହ ମହାପ୍ରବନ୍ଧକ (ମାଇନ୍) ଡ଼କ୍ଟର ଆଶୁତୋଷ ରାଉଳ, କମାଣ୍ଡାଣ୍ଟ (ସିଆଇଏସଏଫ) ଜି ଏମ ଆନସାରୀ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ର ଭୁୟସୀ ପ୍ରସଂଶା କରିଥିଲେ। ସଂଗଠନର ସାଧାରଣ ସମ୍ପାଦକ ଅତିଥି ରଞ୍ଜନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରି ଥିଲେ । ଏହି ଉତ୍ସବରେ ସପ୍ତାହ ବ୍ୟାପି ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁକ ବେଶ, ରଙ୍ଗଭର, ଚିତ୍ରାଙ୍କନ, ଲଘୁ ଶାସ୍ତ୍ରୀୟ ସଂଗୀତ, ଲଘୁ ସଂଗୀତ, ଲଘୁ ଶାସ୍ତ୍ରୀୟ ନୃତ୍ୟ, ଲଘୁ ନୃତ୍ୟ, ଆଧୁନିକ ନୃତ୍ୟ, ଯନ୍ତ୍ର ସଂଗୀତ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା ଓ ଏହାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସାରେଗାମାର ସଭାପତି ଅମରେନ୍ଦ୍ର ମିଶ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସଂଗଠନର ଉପ ସଭାପତି କିଶୋର କୁମାର ବେହେରା ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ ଉତ୍ସବରେ ସମାଜ ସେବା କ୍ଷେତ୍ରରେ "ଶେଷ ଜୀବନର ସାଥି " ସଂଗଠନକୁ ଆର୍ଥିକ ଅନୁଦାନ ସହ ଉଚ୍ଚ ସମ୍ମାନିତ କରାଯାଇଥିଲା । ପୂର୍ବରୁ ସଂଗଠନର ନୂତନ କର୍ମକର୍ତା ଚୟନ ହୋଇଥିବା ନାମ ମୁଖ୍ୟ ଅତିଥିଙ୍କ ଦ୍ୱାରା ପଠନ କରାଯାଇଥିଲା । ମୁଖ୍ୟ ପରାମର୍ଶ ଦାତା ରୂପେ ସତ୍ୟବାଦୀ ମିଶ୍ର, ସଭାପତି ଶୁଭେନ୍ଦୁ କୁମାର ନାୟକ, ଉପ ସଭାପତି କିଶୋର କୁମାର ବେହେରା, ଦୀପକ ସାମଲ, ଦିଲ୍ଲୀପ ସାହୁ, ସାଧାରଣ ସମ୍ପାଦକ ଅତିଥି ରଞ୍ଜନ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ତପନ ମିଶ୍ର, ହରେ କ୍ରିଷ୍ଣ ନାଥ, ଭବେଶ ସେଠ, ରମେଶ ସାହୁ, କୋଷାଧକ୍ଷ ପ୍ରଦୀପ୍ତ କୁମାର ସାହୁ, ସଂଯୋଜକ ରାଜାରାମ ମିଶ୍ର, ମୁଖ୍ୟ ପୃଷ୍ଠ ପୋଷାକ ଦେବବ୍ରତ ପଟ୍ଟନାୟକ ଚୟନ ହୋଇଥିଲେ । ଶେଷରେ ଦିଲେଶ୍ୱର ମହାରଣାଙ୍କ ରଚିତ, ଦିଲ୍ଲୀପ କୁମାର ସାହୁ ଙ୍କ ନିର୍ଦ୍ଦେଷିତ, ଦେବବ୍ରତ ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ "ଏ ମଙ୍ଗଳ ମହୁରୀର ତାନ" ପରିବେଷଣ ହୋଇଥିଲା । ଅଭିନୟରେ ପ୍ରଦୀପ୍ତ ସାହୁ, ମାଧବ ସେଠି, ଅବିନାଶ ପ୍ରଧାନ, ଶାଳିନୀ ସାହୁ, ପ୍ରମୋଦ ପାଣିଗ୍ରାହୀ, ଶ୍ରୀନିବାସ ସାହୁ, ଶିବରାମ ସେଠି, ରଶ୍ମିତା ଜେନା, ବିଭୁତି ଭୂଷଣ ଦଣ୍ଡପାଟ, ରଶ୍ମିତା ବେହେରା ଅଭିନୀତ ନାଟକ ଟି ଅତ୍ୟନ୍ତ ଦର୍ଶକ ମଣ୍ଡଳୀଙ୍କ ମନକୁ ହୃଦୟ ସ୍ପର୍ଶୀ କରିପାରିଥିଲା । ନାଟକ ର ଶ୍ରେଷ୍ଠ କଳାକାର ଭାବେ ମିସ ଶାଳିନୀ ସାହୁଙ୍କୁ ସମ୍ମାନିତ ଓ ଆର୍ଥିକ ପୁରସ୍କାର ଦିଆଯାଇଥିଲା । କାର୍ଯ୍ୟକ୍ରମଟିକୁ ଅଜୟ ମହାରଣା, ତପନ ମିଶ୍ର, ପ୍ରଦୀପ୍ତ ସାହୁ, ଭବେଶ ସେଠ୍, ଜିତେନ୍ଦ୍ର ଆଲୁକ, ସୁକାନ୍ତ ନାୟକ, ରମେଶ ସାହୁ, ବସନ୍ତ ନାୟକ, ପ୍ରଶାନ୍ତ ଦେହୁରୀ, ଅଭିଷେକ ପାଢ଼ୀ, ପ୍ରଶାନ୍ତ ସାହୁ, ଦୀପକ ସାମଲ, ଶୁଭେନ୍ଦୁ ମହାନ୍ତି, ନଳିନୀ କାନ୍ତ ପଣ୍ଡା, ଅବିନାଶ ପ୍ରଧାନ, ହରେକୃଷ୍ଣ ନାଥ, ସୁରେନ୍ଦ୍ର ମଲ୍ଲିକ, ଲୋକ ସେବକ ଦାରା ଶୁକ୍ଳା, ସୋମେଶ ମହାପାତ୍ର , ଗୌତମ ନାୟକ, ସୁନନ୍ଦ ସେନ, ଚନ୍ଦନ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ । ପରିଶେଷରେ ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ବିବାହ ପରେ ନାବାଳିକାକୁ ଉଦ୍ଧାର କଲା ସିଡବ୍ଲ୍ୟୁସି

ପିପିଲଶ, (ମହାଭାରତ) : ବାଲ୍ୟ ବିବାହ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନ କରାଯିବା ସହ ବାଲ୍ୟ ବିବାହ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ତଥାବି କେତେକ ମନ୍ଦିର ଓ ଧର୍ମାନୁଷ୍ଠାନ ମାନଙ୍କରେ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦିଆଯାଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଗତ ୧୬ ତାରିଖ ରାତିରେ ପିପିଲି ଥାନା ଅନ୍ତର୍ଗତ ତେଇସିପୁର ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାର ବିବାହ ହୋଇଥିବା ବେଳେ ପୁଲିସ ସହଯୋଗରେ ପିପିଲି ସିଡିପିଓଙ୍କ କାର୍ଯ୍ୟାଳୟର କର୍ମଚାରୀ, ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟା ମାନେ ଉକ୍ତ ନାବାଳିକାକୁ ଉଦ୍ଧାର କରିଛନ୍ତି। ୧୬ବର୍ଷ ୧୦ମାସ ବୟସର ଉକ୍ତ ନାବାଳିକାକୁ ଜିଲା ଶିଶୁ ମଙ୍ଗଳ କମିଟିଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ତାକୁ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିବା ସଂପର୍କରେ ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତେଇସିପୁର ପଞ୍ଚାୟତର ଏକ ପ୍ରମୁଖ ଧାର୍ମିକ ଅନୁଷ୍ଠାନରେ ଉକ୍ତ ନାବାଳିକାର ବିବାହ ଗତ ୧୬ତାରିଖ ରାତିରେ ଜନୈକ ୧୯ ବର୍ଷର ପୁଅ ସହିତ ବୈଦିକ ରିତାନିତି ଅନୁଯାଇ କରାଯାଇଥିଲା। ଉକ୍ତ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଏନେଇ ଏକ ରସିଦ ମଧ୍ୟ କଟାଯାଇଥିବା ସୂଚନା ମିଳିଛି। ଏନେଇ ସିଡବ୍ଲୁସି ଙ୍କ ନିକଟରେ ଅଭିଯୋଗ ହେବାପରେ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟା, ପିପିଲି ସିଡିପିଓଙ୍କ କାର୍ଯ୍ୟାଳୟର ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ଥାନୀୟ ଜନପ୍ରତିନିଧି ମାନେ ସାତଶଙ୍ଗ ଫାଣ୍ଡି ପୁଲିସ ସହାୟତାରେ ତେଇସିପୁର ପଞ୍ଚାୟତ ଅଞ୍ଚଳରୁ ଉକ୍ତ ନାବାଳିକାକୁ ତା'ର ସ୍ୱାମୀ ଘରୁ ଉଦ୍ଧାର କରିଥିଲେ। ଏନେଇ ପିପିଲି ସିଡିପିଓ ରୂପାଲି ମିତ୍ରଙ୍କ ଲିଖିତ ଅଭିଯୋଗ ଉପରେ ପିପିଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏସ୍ ? ?ଆଇ ଭାସ୍କର ମାଣିଆ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ତେବେ ଏହି ମାମଲାରେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇନଥିବା ଜଣାଯାଇଛି। ଏହି ଘଟଣାଟି ପିପିଲି ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ବାରମ୍ବାର ରେଙ୍ଗାଲି କର୍ମଚାରୀଙ୍କ ଉପରେ ଆକ୍ରମଣ

ଦାନଗଦି, (ମହାଭାରତ) : ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ରେଙ୍ଗାଲି ବାମ ପାର୍ଶ୍ୱ କେନାଲ କାମ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଚାଲିଛି। ଏହି କାମର ଫେଜ ୨ରେ ଆଇରନ ଟ୍ରାଙ୍ଗଲ କମ୍ପାନୀ ନଡ଼ିଆ ଭଙ୍ଗା ପଞ୍ଚାୟତ ଭିତରେ କାର୍ଯ୍ୟାଦେଶ ପାଇ ୧୦୦.୪୯୦ କିଲୋମିଟର ରୁ ୧୦୭.୫୦୦ କିଲୋମିଟର କାମ କରୁଅଛି । ହେଲେ ଗତ ୧୦ ଦିନ ଭିତରେ ନଡ଼ିଆଭଙ୍ଗା କିଛି ଯୁବକ ମାନେ ମିଳିତ ଭାବରେ ରେଙ୍ଗାଲି କାମକୁ ବାରମ୍ବାର ବନ୍ଦ କରିବା ସହିତ ରେଙ୍ଗାଲି ଠିକା କର୍ମଚାରୀଙ୍କ ଉପରେ ୩ଥର ଆକ୍ରମଣ କରିବାସହ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି । ଆକ୍ରମଣ ଘଟଣାରେ ପୋଲିସ ନିକଟରେ ରେଙ୍ଗାଲି ଠିକା ସଂସ୍ଥା ଆଇରନ ଟ୍ରାଙ୍ଗଲ କମ୍ପାନୀ ପକ୍ଷରୁ କଳିଙ୍ଗନଗର ଥାନରେ ମୃତ୍ୟୁଞ୍ଜୟ ଦେଓ (ମିଟୁଆ) ଦୀପକ ରଞ୍ଜନ ଦେଓ, ଗୁଣ୍ଡିଚା ଦେଓ, ଅମର ଦେଓ, ସିପୁ ଦେଓ, ହେମନ୍ତ ମଲ୍ଲିକ, କୁଲୁ ଦେଓ, ବ୍ରଜ ଦେଓ, ପ୍ରତୀକ ଦେଓ ସହିତ କେତେକ ଯୁବକ ଙ୍କ ନାଁ ରେ ପୃଥକ ପୃଥକ ୩ଥର ମାମଲା ହେଲା ପରେ ମଧ୍ୟ ପୋଲିସ ମାମଲା ରୁଜୁ କରି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ବୁଧବାର ବିଳମ୍ବିତ ରାତିରେ ନଡିଆଭଙ୍ଗାର କିଛି ସ୍ଥାନୀୟ ଯୁବକ ଆଇରନ ଟ୍ରାଙ୍ଗଲ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀଙ୍କ ଉପରେ ପୁନର୍ବାର ଆକ୍ରମଣ କରିଥିଲେ । ଏହି ଅଭିଯୋଗ ନେଇ କମ୍ପାନୀ ପକ୍ଷରୁ ଗୁରୁବାର ଦିନ ଯାଜପୁର ଜିଲ୍ଲାପାଳ, ଯାଜପୁର ଆରକ୍ଷୀ ଅଧିକ୍ଷକ, ମୁଖ୍ୟଯନ୍ତ୍ରୀ ରେଙ୍ଗାଲି ପ୍ରକଳ୍ପ, ସୁପରିଡେଣ୍ଟ ଇଞ୍ଜିନିୟର ରେଙ୍ଗାଲି ପ୍ରକଳ୍ପ ଙ୍କୁ ଭେଟି ଉକ୍ତ ବିଷୟରେ ଅବଗତ କରାଇଛନ୍ତି ଏବଂ ଯଥାଶୀଘ୍ର କାର୍ଯ୍ୟ ଚାଲୁ କରିବା ପାଇଁ ନିବେଦନ କରିଛନ୍ତି । କମ୍ପାନୀର କହିବା କଥା ସରକାରୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ଅବଧି ଭିତରେ କାମ ସାରିବା ପାଇଁ ନିର୍ଦ୍ଦେଶ ଅଛି, ଏପରି ଯଦି ଦାଦାଗିରି କରି ବାରମ୍ବାର କାମ ବନ୍ଦ କରାଯାଏ ତାହେଲେ କାମ ସମୟ ସୀମା ଭିତରେ ସରିପାରିବ ନାହିଁ । ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକୁ ବନ୍ଦ କରୁଥିବା ବ୍ୟକ୍ତିଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସାଧାରଣ ରେ ଦାବି ହେଉଛି ।

ଜମି ହଡପ ଅଭିଯୋଗରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ହିନ୍ଦୋଳ, (ମହାଭାରତ): ଗୋଟିଏ ପଟେ ସରକାରଙ୍କ ତରଫରୁ ଘୋଷଣା କରାଯାଉଛି ବିଭିନ୍ନ ସରକାରୀ ଜମି କିମ୍ବା ଗୋଚର ଜମି ଯଦି କେହି ହଡପ କରିଛି ତେବେ ତୁରନ୍ତ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ଏବଂ ଜମିକୁ ଖାଲି କରାଯିବ କିନ୍ତୁ ଏଠି ଚାଲିଛି କିଛି ଅଲଗା । ପୂର୍ବରୁ ଦୁଇ ଦୁଇ ଥର ବେଆଇନ ଟଙ୍କା ନେବା ଅଭୁଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଆସିଷ୍ଟାଣ୍ଟ ଇଞ୍ଜିନିଅର ବିପିନ ଦାସ ହାତେଇଛନ୍ତି ସରକାରୀ ଗୋଚର ଜମି । ଯିଏ ବିରୋଧ କଲା ତାଙ୍କୁ ଗୁଣ୍ଡା ଲଗାଇ କିମ୍ବା କେସ ଦେଇ ଡରାଉଛନ୍ତି। କାହିଁକି ଓ କେଉଁ କାରଣ ପାଇଁ ଏ କରିତକର୍ମ। ବାବୁଙ୍କ ବିରୋଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଢେଙ୍କାନାଳ ସଦର ବ୍ଲକ ଭାଲିଆବୋଲ କାଟେଣୀ ପଞ୍ଚାୟତ ଅନ୍ତର୍ଗତ ସଂସାଇଲୋ ଗ୍ରାମରେ ବିପିନ ଦାସ ପ୍ରାୟ ୪୦ଏକର ଗୋଚର ଓ ଆଦିବାସୀ ଜାଗାକୁ ବେଆଇନ ଭାବରେ ଦଖଲ କରିଛନ୍ତି । ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ ଥାଇ ମଧ୍ୟ ଉପ ଜିଲ୍ଲାପାଳଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଁ ଯାଉନାହିଁ। ଯାହାକୁ ନେଇ ପଞ୍ଚାୟତ ସରପଞ୍ଚ ଓ ଗ୍ରାମବାସୀ ରାଜରାସ୍ତାକୁ ଓଲ୍‌ହାଇବାକୁ ପ୍ରସ୍ତୁତ ହେଉଛନ୍ତି । ସରକାରଙ୍କ ନୀତି କଣ କେବଳ ଗରିବ ବେସାହାରଙ୍କ ପାଇଁ ନାଁ ସମସ୍ତଙ୍କ ପାଇଁ ? ଯଦି ସରକାରଙ୍କ ନୀତି ସମସ୍ତଙ୍କ ପାଇଁ ତେବେ ଏ ସରକାରୀ ବାବୁଙ୍କ ବିରୋଦ୍ଧରେ କାହିଁକି କୌଣଷ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ଏବଂ ଆମ ପ୍ରତିନିଧି ବାରମ୍ବାର ଆସିଷ୍ଟାଣ୍ଟ ଇଞ୍ଜିନିଅର ବିପିନ ଦାସଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଏ ବାବୁ ଆମ ପ୍ରତିନିଧିଙ୍କ ଫୋନ ମଧ୍ୟ ଉଠାଉ ନାହାନ୍ତି ତେବେ ଅପେକ୍ଷା କରିବା ସରକାରୀ କାର୍ଯ୍ୟାନୁଷ୍ଠାନକୁ ।

ବିଦ୍ୟୁତ୍ ତାର ଲାଗି ଜଣେ ମୃତ

ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନସ୍ଥ କଳଦା ପଞ୍ଚାୟତ କୁଣ୍ଡେଇଖୋଲ ଗ୍ରାମରେ ଗତ କାଲି ରାତି ରେ ବିବାହ ପଟୁଆର ଚାଲିଥିବା ବେଳେ ଏକ ଅଘଟଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଗୁରୁତର ଅବସ୍ଥାରେ ପରଜଙ୍ଗ ଡାକ୍ତଖାନାରେ ଭର୍ତ୍ତି କରାଯାଇଛି। ମୃତକଙ୍କ ଘର ତାଳଚେର ଥାନା ଅନ୍ତର୍ଗତ ରେମୁଆଁ ଗ୍ରାମର ଗଣେଶ ହେମ୍ବ୍ରମ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ମାହାବିରୋଡ ଥାନା ଅନ୍ତର୍ଗତ ଘାଗରମୁଣ୍ଡା ଗ୍ରାମରୁ ଗତ ବୁଧବାର ଦିନ ବରଯାତ୍ରୀ ବାହାରି କନ୍ୟା ଘର ଗ୍ରାମ କୁଣ୍ଡେଇ ଖୋଲ ରେ ପହଞ୍ଚି ପଟୁଆର ପ୍ରସ୍ତୁତି କରିଥିଲା।ପଟୁଆର ଯିବା ରାସ୍ତା ମଧ୍ୟ ଭାଗରେ ବିଦ୍ୟୁତ୍ ତାର ଓହୋଳି ଲାଇଟ ଗାଡ଼ି ସଂସ୍ପର୍ଶ ରେ ଆସି ତିନି ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଡାକ୍ତର ଗଣେଶକୁ ମୃତ ଘୋଷଣା କରିଥିଲେ।

ବିଜେପିର ସକ୍ରିୟ ସଦସ୍ୟ ସମ୍ମିଳନୀ

ଆର-ଉଦୟଗିରି, (ମହାଭାରତ) : ଗଜପତି ଜିଲ୍ଲା ମୋହନା ନିର୍ବାଚନ ମଣ୍ଡଳୀର ସକ୍ରିୟ ସଦସ୍ୟ ସମ୍ମିଳନୀ ରା ଉଦୟଗିରି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଂସଦ ପ୍ରତିନିଧି ଆର୍ ବିଜୟ କୁମାରଙ୍କ ସଂଯୋଜନାରେ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ପୂର୍ବତନ ପାରଳାଖେମୁଣ୍ଡି ନଗର ପାଳ ନୃସିଂହ ଚରଣ ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଜଗନ୍ନାଥ ମହାପାତ୍ର, ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକ, ସହୋସଂଯୋଜକ ହରେକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ । ମୋହନା ନିର୍ବାଚନ ମଣ୍ଡଳୀର ସମସ୍ତ ନୂତନ ମଣ୍ଡଳ ସଭାପତି ମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନିର୍ବାଚନ ସଫଳତା ଓ ସଂଗଠନ ବିସ୍ତାର, ଭାରତୀୟ ରାଜନୀତିରେ ବିଜେପି ଦ୍ୱାରା ଆସିଥିବା ପରିବର୍ତ୍ତନ, ପ୍ରଧାନମନ୍ତ୍ରୀ ରୂପେ ମୋଦିଙ୍କ

ପାଣିରେ ବୁଡ଼ି ଯୁବକ ମୃତ୍ୟୁ

ବାଲିଅନ୍ତା (ମହାଭାରତ) : ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ସରକଣା ପଞ୍ଚାୟତ ବ୍ରାହ୍ମଣ ସୁଆଁଲୋ ଗ୍ରାମରେ ଅଘଟଣ ପାଣିରେ ବୁଡ଼ି ଜଣେ ୩୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଉକ୍ତ ଗ୍ରାମର ଚିତନ ପ୍ରଧାନ ସୂଚନା ଅନୁଯାଇ ଯୁବକ ଜଣଙ୍କ ଗୁରୁବାର ରାତିରେ ହଟାତ କୁଆଡେ ଚାଲିଯାଇଥିଲେ । ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ ବି ପାଇନଥିଲେ। ତେବେ ଶୁକ୍ରବାର ସକାଳୁ ସକାଳୁ କିଛି ଲୋକ ପୋଖରୀ କୁ ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ । ପରିବାର ଲୋକ ଖବର ପାଇ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ । ଡାକ୍ତର ଖାନରେ ଡାକ୍ତର ଯୁବକଙ୍କୁ ମୃ ଘୋଷଣା କରିଛନ୍ତି ତେବେ ଯୁବକଙ୍କୁ ପୂର୍ବରୁ ବାତ ମରିବା ସହ ସେ ଜଣେ ଦିବ୍ୟାଙ୍ଗ ହୋଇଥିବା ପରିବାର ଲୋକ କହିଛନ୍ତି । ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ତିରିଶ ଲକ୍ଷରୁ ଉର୍ଦ୍ଧ ଟଙ୍କା ନେଇ ଦମ୍ପତି ଫେରାର

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଅଂରପାଳ ବ୍ଲକ ଭୋଗ ବେରଣୀ ପଞ୍ଚାୟତ କୁସୁପଙ୍ଗି ଗ୍ରାମର ପ୍ରାୟ ୪୦ ଜଣ ମହିଳାଙ୍କ ଠାରୁ ସେହି ଗ୍ରାମର ସୁମନ୍ତ ନାଏକ ଏବଂ ତାଙ୍କ ପତ୍ନୀ ଧରିତ୍ରୀ ନାଏକ ତିରିଶ ଲକ୍ଷରୁ ଉର୍ଦ୍ଧ ଟଙ୍କା ନେଇ ଫେରାର ଥିବା ବଅଂରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଯେ, କୁସୁପଙ୍ଗି ଗ୍ରାମର କିଛି ମହିଳା ସଂଘ ର ମହିଳା ମାନେ ଘରୋଇ ସଂସ୍ଥା ରୁ ଲୋନ ଉଠାଇ , ସେହି ଗ୍ରାମର ସୁମନ୍ତ ନାଏକ ଏବଂ ତାଙ୍କ ପତ୍ନୀ ଧରିତ୍ରୀ ନାଏକଙ୍କୁ ପଇସା ଦେଇଥିଲେ, ଏବଂ ସୁମନ୍ତ ନାଏକ ପଇସା ସୁଝିବା ପାଇଁ କହିଥିଲେ । ହେଲେ ଗତ ୧୬/୦୪/୨୦୨୫ ରିଖ ବୁଧବାର ଘରେ ତାଲା ପକାଇ , ଦମ୍ପତି କେଉଁଆଡ଼େ ଫେରାର ହୋଇ ଯାଇଥିବା ଗ୍ରାମର ମହିଳା ମାନେ ଜାଣିବାକୁ ପାଇଥିଲେ। ତେବେ ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇ ଯାଇଥିବା ଦମ୍ପତିଙ୍କ କୌଣସି ଖୋଜ ଖବର ନ ପାଇବାରୁ ମହିଳା ମାନେ ଗୁରୁବାର ଥାନାରେ ଅଭିଯୋଗ କରିଥିବା ବେଳେ । ଋଣ ପଇସା ନେବା ପାଇଁ ଘରୋଇ ସଂସ୍ଥାର କର୍ମଚାରୀ ଆସି ଗ୍ରାମର ମହିଳା ମାନଙ୍କ ଘରେ ଜଗି ବସିଛନ୍ତି ।

ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ବିଶ୍ରାମ ଗାର

ଗୁଣପୁର(ମହାଭାରତ): ଗୁଣପୁର ବାଇପାସ ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମ ଗାର ଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏହି ବିଶ୍ରାମ ଗାର ଟି ଗୁଣୁପୁର ର ମେରୁଦଣ୍ଡ କହିଲେ ଅତିକ୍ତହେବନାହିଁ। ବିଭିନ୍ନ ଅଞ୍ଚଳରୁ ସହରକୁ ଆସୁଥିବା ଲୋକେ ଯେତେବେଳେ ବସ୍, ଅଟୋ, କିମ୍ବା ପଥଚାରି ଆସନ୍ତି ତ ଏହି ବିଶ୍ରାମଗର ରେ ଟିକେ ବିଶ୍ରାମ ନିଅନ୍ତି। ଛାତର ସିଲିଂ ଖଣ୍ଡ ଖଣ୍ଡ ହୋଇ ପଡୁଥିବାରୁ ବିଶ୍ରାମ ନେଉଥିବା ଲୋକଙ୍କ ଉପରେ ପଡୁଛି ଯାହାକି ବିପଦ ପୂର୍ଣ୍ଣ ଅବସ୍ଥାରେ ରହିଛି।ଜାରି ରହିଛି ଗ୍ରୀଷ୍ମ ପ୍ରବାସ ବିଷଣ ଗରମ ରୁ ଟିକେ ଆଶ୍ୱସ୍ତି ପାଇବାପାଇ ହେଲେ ଏହି ଗୋଟିଏ ମାତ୍ର ବିଶ୍ରାମ ଗାର ହିଁ ସାହାଭରଷା।

ଓଡ଼ିଶା ଦଳ ତରଫରୁ ଖେଳିବେ ଆଶୁତୋଷ

ବିଷମ କଟକ:(ମହାଭାରତ) ୧୯ ବର୍ଷୀୟ ଜୁନିଅର ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶ ରାଜ୍ୟର ଆକବରପୁର ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି । ରାୟଗଡା ଜିଲ୍ଲା ତରଫରୁ ଆଶୁତୋଷ ପାତ୍ର ଓଡିଶା ଦଳରେ ସ୍ଥାନ ପାଇଥିବାର ସୂଚନା ଦେଇଛନ୍ତି ରାୟଗଡା ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘର ସମ୍ପାଦକ ଶ୍ରୀ ଶୁଭେନ୍ଦୁ ନାରାୟଣ ଚୌଧୁରୀ ।ଆଶୁତୋଷ ଙ୍କ ଏହି ସଫଳତା ପାଇଁ ସମ୍ପାଦକ ଶ୍ରୀ ଚୌଧୁରୀ,ରାୟଗଡା ଜିଲ୍ଲାର ହ୍ୟାଣ୍ଡବଲ ସଙ୍ଘର ସମସ୍ତ କାର୍ଯ୍ୟକର୍ତା ସହ ସମସ୍ତ ଖେଳାଳି ମାନେ ଆଶୁତୋଷ ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇଛନ୍ତି। ୧୮ ତାରିଖ ଦିନ ଓଡିଶା ଦଳ ଭୁବନେଶ୍ୱର ଠାରୁ ନିଜର ଗନ୍ତ ଆରମ୍ଭ କରିବ। ଚଳିତ ବର୍ଷ ଜାତୀୟ ହ୍ୟାଣ୍ଡବଲ ଦଳରେ ରାୟଗଡା ଜିଲ୍ଲାରୁ ୬ ଜଣ ସ୍ଥାନ ପାଇଥିବାରୁ ସଙ୍ଘର ସମସ୍ତ କର୍ମକର୍ତ୍ତାଙ୍କ ମନରେ ଅନେକ ଖୁସି ଆଉ ଉତ୍ସାହ ଦେଖିବାକୁ ମିଳୁଛି ।

ବାଇକ ସହ ଗଞ୍ଜେଇ ଜବତ ଜଣେ ଗିରଫ

ଆସିକା (ମହାଭାରତ): ଗୋଟିଏ ବାଇକ ସହ ୧୫ କିଲୋଗ୍ରାମ ଗଞ୍ଜେଇ ଜବତ ଜଣେ ଗିରଫ। ଆଜି ଆସିକା ଅବକାରୀ ବିଭାଗ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକା କଇଁଫୁଲିଆ ଛକ ନିକଟରେ ଓଡି ୩୨ ଏପି ୧୧୪୮ ବାଇକକୁ ଅଟକାଇ ଯାଞ୍ଚ ସମୟରେ ବାଇକ ରେ ବନ୍ଧା ହୋଇଥିବା ଗୋଟିଏ ଜରି ବସ୍ତାରେ ଗଞ୍ଜେଇ ଥିବାର ଜାଣିବାକୁ ପାଇଥିଲେ। ଘଟଣାର ତଦନ୍ତ ସମୟରେ ଉକ୍ତ ବ୍ୟକ୍ତି ଜଣଙ୍କ କନ୍ଧମାଳରୁ ଆସିକା ଦେଇ କୋଦଳା ଯାଉଥିଲା ଏବଂ ଉକ୍ତ ବସ୍ତାରେ ୧୫କିଲୋଗ୍ରାମ ଗଞ୍ଜେଇ ଜବତ କରି ୧୧/୨୫ରେ ଏକ ମାମଲା ରୁଜୁକରି ଉକ୍ତ ବ୍ୟକ୍ତିର ଡାକ୍ତରୀ ଯାଞ୍ଚ ସାରିବା ପରେ ତାକୁ ବ୍ରହ୍ମପୁର ଜେଲ କୁ ପଠାଇ ଦିଆଯାଇଛି। ଉକ୍ତ ଚଢ଼ାଉ ରେ ଅବକାରୀ ଥାନା ଓ ଆଇ ସି ରାକେଶ ଖୁଣ୍ଟିଆ, ଅମିତ କୁମାର ଗମାଙ୍ଗ,ସନ୍ତୋଷ କୁମାର ପ୍ରଧାନ, ଅର୍ଜୁନ କୁମାର ସ୍ୱାଇଁ, ଶ୍ରୀକାନ୍ତ ବେହେରା ପ୍ରମୁଖ ସାମିଲ ଥିଲେ।

ଉଠା ଜଳସେଚନର ଦୟନୀୟ ସ୍ଥିତି

୫୬୧ ରୁ ୧୨୫ ପ୍ରକଳ୍ପ ଅଚଳ : ୩୬୧୮ ହେକ୍ଟର ଜମିକୁ ପହଞ୍ଚୁନି ପାଣି

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ଉଠା ଜଳସେଚନ ପ୍ରକଳ୍ପକୁ ନେଇ ଚାଷୀ ମାନଙ୍କ ଚିନ୍ତା ଧୀରେ ଧୀରେ ବଢ଼ିବାକୁ ଲାଗିଛି। ବର୍ଷ ବର୍ଷ ଧରି ସେମାନେ ସମସ୍ୟା ଘେରରେ ରହୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି କିଛି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ଜମିରେ ଜଳସେଚନ ପାଇଁ ଚାଷୀ ମାନଙ୍କୁ ହଇରାଣ ହେବାକୁ ପଡୁଛି। ପରିସ୍ଥିତି ଏପରି ହୋଇଛି ଯେ, ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ୧୦ଟି ପୂରା ନଷ୍ଟ ହୋଇ ଖତ ଖାଇଗଲାଣି। ମିଳିଥିବା ତଥ୍ୟ ମୁତାବକ, ଜିଲ୍ଲାରେ ମୋଟ ୧,୩୧, ୧୩୪ ହେକ୍ଟର ଜମିରେ ଚାଷ କରାଯାଉଛି। ସେଥିମଧ୍ୟରୁ ୯୭,୫୩୩ ହେକ୍ଟର ଜମିରେ ଧାନ ଓ ୩୩,୬୦୧ ହେକ୍ଟର ଜମିରେ ଅନ୍ୟାନ୍ୟ ଚାଷ କରାଯାଏ। ଜିଲ୍ଲାରେ ବିଭିନ୍ନ କିସମରେ ମୋଟ ୬୮୬ଟି ଉଠା ଜଳସେଚନ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ୫୬୧ଟି ଏବେ କାର୍ଯ୍ୟକ୍ଷମ ରହିଛି। ଜିଲ୍ଲାର ସମସ୍ତ ବ୍ଲକ୍ରେ ଥିବା ୬୮୬ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୧୪, ୭୦୫ ହେକ୍ଟର ଚାଷ ଜମି ଜଳସେଚିତ ହୁଏ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଥିବା ପ୍ରକଳ୍ପ ଦ୍ୱାରା ମୋଟ୍ ୧୧, ୧୩୭ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯାଇପାରୁଛି। ଅର୍ଥାତ ବାକି ୩୬୧୮ ହେକ୍ଟର ଚାଷ ଜମିକୁ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଜଳସେଚନ ସମ୍ଭବ ହେଉ ନାହିଁ ଯଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ଚାଷୀମାନେ ବର୍ଷା ଭରସାରେ ନିଜ ଚାଷ ଜମିକୁ ଛାଡ଼ି ଦେଇଛନ୍ତି ନୟାଗଡ଼ରେ ଚାଷର ଭୂମିକା ବେଶ୍ ଗୁରୁପୂର୍ଣ୍ଣ। ଏଠାରେ ରୋଜଗାର କରିବା ପାଇଁ ଅନ୍ୟ କିଛି ମାଧ୍ୟମ ନଥିବାରୁ ଚାଷ କାର୍ଯ୍ୟକୁ ଲୋକେ ବେଶ୍ ଗୁରୁ ଦିଅନ୍ତି। ଧାନ ଚାଷକୁ ବାଦ୍ ଦେଲେ ଡାଲି ଓ ପରିବା ଜାତୀୟ ଚାଷ ଏଠାରେ ବହୁଳ ଭାବରେ କରାଯାଏ। ମାତ୍ର ଏହି ଚାଷ କାର୍ଯ୍ୟରେ ଉଠା ଜଳସେଚନ ବିଭାଗକୁ ସେତେଟା ଗୁରୁ ଦିଆଯାଉନଥିବା ପରି ମନେ ହେଉ ନାହିଁ। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଭଲ ଭାବେ ଅବଗତ ଅଛନ୍ତି। ତଥାପି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ ରକ୍ଷଣାବେକ୍ଷଣ ଅଭାବରୁ ୧୦ଟି ପ୍ରକଳ୍ପ ଖତ ଖାଇଯାଇଛି। ଯାହାକୁ ପୁର୍ନବାର ମରାମତି କରି ସଚଳ କରିବା ଅସମ୍ଭବ ଏଣୁ ଚାଷୀ ମାନଙ୍କ ହିତ ଦୃଷ୍ଟିରୁ ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି ହୋଇଛି। ଏ ନେଇ ଏ ନେଇ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଯେଉଁ ପ୍ରକଳ୍ପ ଗୁଡ଼ିକ ଅଚଳ ହୋଇପଡ଼ିଛି, ପାଣି ପଞ୍ଚାୟତ ଦ୍ୱାରା ଏହାର ମରାମତି କରାଯିବ। ସେଥିପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ରହିଛି। ଅଚଳ ହୋଇପଡ଼ିଥିବା ୧୨୫ଟିରୁ ୧୦ଟା ଆଦୌ ମରାମତି କରାଯାଇପାରିବ ନାହିଁ ଚଳିତ ବର୍ଷ ଅଧିକରୁ ଅଧିକ ପ୍ରକଳ୍ପ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ବିଭାଗୀୟ ପ୍ରକ୍ରିୟା ବି ଆରମ୍ଭ ହୋଇ ସାରିଛି। ଚାଷୀମାନେ ଯେପରି ସୁରୁଖୁରୁରେ ପାଣି ପାଇପାରିବେ, ସେ ନେଇ ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ।

ଓଡିଶା ଖଣି ନିଗମର ବିଭିନ୍ନ ଦାବିକୁ ନେଇ କାର୍ଯ୍ୟରତ ଠିକା ଶ୍ରମିକ ମାନଙ୍କର ଦାବିରେ ବିକ୍ଷୋଭ

ଯୋଡା,(ମହାଭାରତ) ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ ର ଜିଲିଂ ଲଂଗାଲଟା ଖଣି କାର୍ଯ୍ୟାଳୟ ସମ୍ମୁଖରେ ଖଣିରେ କାର୍ଯ୍ୟରତ ଠିକା ଶ୍ରମିକ ଙ୍କ ବିଭିନ୍ନ ଦାବି ନେଇ ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଦାବି ଗୁଡ଼ିକ ହେଲା ଖଣି ନିଗମରେ କାର୍ଯ୍ୟରତ ସମସ୍ତ ଠିକାଦାର ଶ୍ରମିକ ମାନଙ୍କୁ ସେଲ୍ ଖଣି ଶ୍ରମିକ ଭଳି ପ୍ରତ୍ୟେକଙ୍କୁ ମାସିକ ୩୭୦୦ ଟଙ୍କା ହିସାବରେ ଆଲାଓ୍ୱାନ୍ସ ଦିଆଯିବା। ଦୀର୍ଘ ପଚିଶ ବର୍ଷରୁ ଅଧିକ ସମୟ ଧରି ପ୍ରଚଳିତ ବର୍ଷକୁ ୧୮ ଦିନର ସିକ୍ ଲିଭ୍, ୧୦ ଦିନର କାଜୁଆଲ ଲିଭ୍, ୧୫ ଦିନର ପ୍ରପସନେଟ୍ ଗ୍ରାଚ୍ୟୁଇଟି ପୁନଃ ପ୍ରଚଳନ କରା ଯିବା। ସମସ୍ତ ଠିକାଦାର ମାନଙ୍କ ନିଯୁକ୍ତି ସର୍ବନିମ୍ନ ୨୦ ବର୍ଷ ପାଇଁ କରାଯିବା। ବିଭାଗୀୟ ଶ୍ରମିକ ମାନଙ୍କ ଭଳି ସମସ୍ତ ଠିକାଦାର ଶ୍ରମିକ ମାନଙ୍କୁ ୨୦ ଭାଗ ବୋନସ୍ ଓ ଗିଫ୍ଟ ପ୍ରଦାନ କରାଯିବା। 'ମାଇନ୍ସ ଆକ୍ଟ ଅନୁଯାୟୀ ୧୨ତମ ଉପଦେଷ୍ଟା ମଣ୍ଡଳି ନିର୍ଦ୍ଦେଶ ଅନୁସାରେ ସମସ୍ତ ଠିକାଦାର ଶ୍ରମିକ ମାନଙ୍କୁ ବାସଗୃହ ଯୋଗାଇ ଦିଆ ଯିବା ନହେଲେ ଘରଭଡା ପ୍ରଦାନ କରା ଯିବା। 'ବର୍ଷ ବର୍ଷ ଧରି କାର୍ଯ୍ୟରତ ଶ୍ରମିକ ମାନଙ୍କୁ ବାର୍ଷିକ ଇନକ୍ରିମେଣ୍ଟ ଦେବା ସହ ସିନିୟରିଟି ଅନୁସାରେ ପ୍ରମୋସନ କରା ଯିବା। 'ସମସ୍ତ ଠିକାଦାର ଶ୍ରମିକ ଓ ତାଙ୍କ ପରିବାର ସଦସ୍ୟ ମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଖଣି ନିଗମ ଦ୍ୱାରା ଯୋଗାଇ ଦିଆ ଯିବା। ସମସ୍ତ ଠିକାଦାର ଶ୍ରମିକ ମାନଙ୍କର ଗ୍ରୁପ୍ ଇନସ୍ୟୁରାନ୍ସ କରାଯିବା ସହ ମୃତ୍ୟୁକାଳୀନ ସହାୟତା ଯୋଗାଇ ଦିଆ ଯିବା । 'ସମସ୍ତ ଠିକାଦାର ଶ୍ରମିକ ମାନଙ୍କୁ ଇଏସ୍ଆଇର ସଭ୍ୟଭୁକ୍ତ କରା ଯିବା। 'ଖଣିରେ ସମୟ ଭିତରେ କୌଣସି ଠିକାଦାର ଶ୍ରମିକର ମୃତ୍ୟୁ ହେଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦିଆ ଯିବା।ଉପରୋକ୍ତ ଦାବି ଗୁଡିକୁ ଏକ ମାସ ମଧ୍ୟରେ ସମାଧାନ କରୟ ନ ଗଲେ ଶ୍ରମିକ ମାନେ ଆନ୍ଦୋଳନାତ୍ମକ ପ୍ୟା ଅବଲମ୍ବନ କରିବା ସହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଥିବା ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି ।ଏହି ବିକ୍ଷୋଭରେ ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେଉଁଝର ଜିଲ୍ଲା ସାଧାରଣ ସଂପାଦକ ମହେଶ୍ୱର ରାଉତ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ୟୁନିୟନର ଉପ ସାଧାରଣ ସଂପାଦକ କପିଳ ମହାନ୍ତି, ଉପ ସଭାପତି କାହ୍ନୁ ସାମଲ, ଶ୍ରୀହରି ଘଣା, ରାଜାରାମ ମୁଣ୍ଡା,ବଦୁ ଜାମା, ହୃଦା ନନ୍ଦ ପାତ୍ର, ବିରଂଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହନ୍ତ, ବାଗରା ଚାଷର ପ୍ରମୁଖ ନେତୃତ୍ୱ ନିଜ ନିଜର ବକ୍ତବ୍ୟ ରଖିବା ସହ ଆନ୍ଦୋଳନରେ ସାମିଲ ହୋଇ ଥିଲେ।

ରାସୁ ସିଦୁ ପାଇଁ ଆବାସ ଗୃହ ସାତ ସପନ

କପ୍ତିପଦା -(ମହାଭାରତ): କପ୍ତିପଦା - କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତ ଅଧିନସ୍ଥ ଦିଲ୍ଲିସହର ରାଜସ୍ୱ ଗ୍ରାମର ବାସିନ୍ଦା ଶ୍ରୀ ରାସୁ ସିଂ ସିଦୁ(ହୋ' ସମ୍ପ୍ରଦାୟ) ପ୍ରଧାନ ମନ୍ତ୍ରୀ ଗ୍ରାମିଣ ଆବାସ ଯୋଜନା ଘର ପାଇବାରୁ ବଞ୍ଚିତ ହୋଇ ଭଙ୍ଗା ଘରେ ଜୀବନ ବିତାଉଛନ୍ତି। ଦାରିଦ୍ରତା ଯୋଗୁଁ ଏହି ଦମ୍ପତି ଶାଳପତ୍ର ସିଲାଇ କରି ପେଟ ପୋଷୁଛନ୍ତି। ଦେଶର ସମସ୍ତ ଗରୀବ ଏବଂ ବାସହୀନ ପରିବାରମାନଙ୍କୁ ଡବଲ ଇଞ୍ଜିନ ବିଜେପି ସରକାର ସମ୍ପୂର୍ଣ୍ଣ ମାଗଣାରେ ଘର ଯୋଗାଇବା ନିମନ୍ତେ ତୀଣ୍ଡିମ ପିଟୁଥିବା ବେଳେ ଏହା ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ରାଣୀପୋଖରୀ ପଞ୍ଚାୟତରେ ଦିଗହରା ହୋଇଛ। ତେବେ ଏଥି ପ୍ରତି କପ୍ତିପଦା ବ୍ଲକ ପ୍ରଶାସନ ଏହି ଅସହାୟ ବାସହୀନ ପରିବାର ନିକଟକୁ ପହଞ୍ଚି ଉପଯୁକ୍ତ ସର୍ଭେ କରି ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରି ତାଙ୍କୁ ଘର ଯୋଗାଇବା ସହିତ ତାଙ୍କ ମୁଁହରେ ହସ ଫୁଟାଇବା ପାଇଁ ଜନ ମାନସରେ ଦାବି ହେଉଛି।

ଆସିକା ବ୍ଲକ ନିମିନାରେ ଆୟୁଷ୍ମାନ କାର୍ଡ ବଣ୍ଟନ

ଆସିକା (ମହାଭାରତ): ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ନୂତନ ସ୍ୱାସ୍ଥ୍ୟ ବୀମା ଯୋଜନା ର ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ବୋୟ ବନ୍ଦନ ଯୋଜନା ର ହିତାଧିକାରୀ ଙ୍କୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ର ନିମିନା ଠାରେ ଆୟୁଷ୍ମାନ କାର୍ଡ ବଣ୍ଟନ କରିଛନ୍ତି। ବିଜେପି ର ବରିଷ୍ଠ ସଦସ୍ୟ ଶିବ କୁମାର ନାୟକ ଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଧାୟକ ପ୍ରତିନିଧି ସନ୍ଦୀପ ପାଢ଼ୀ, ଗଙ୍ଗୁ ମେଡିକାଲ ର ମୁଖ୍ୟ ଚିକିତ୍ସାକାରୀ ଶୁଭମ କୁମାର ପଣ୍ଡିଗ୍ରହୀ, ପ୍ରମୁଖ ଉପସ୍ଥିତ ଥିଲେ ।

ନଳକୂପ ଅଚଳ, ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବ କିଏ

କପ୍ତିପଦା -(ମହାଭାରତ): କପ୍ତିପଦା -କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ ଅଧୀନ ସାନ କାଦବାହାଳି ଗ୍ରାମର ନଳକୂପ ଅଚଳ ଅବସ୍ଥାରେ ପଡ଼ି ରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟା ସମାଧାନ ହୋଇ ପାରି ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କରିବା ନିମନ୍ତେ ଗ୍ରାମବାସୀ ଯଥା - ରଜନୀ ମହାକୁଡ, ବିଜୁ ମହାକୁଡ, ଦୂଧି ପୂର୍ତ୍ତି ପ୍ରମୁଖ ଦାବି କରିଛନ୍ତି। ଲୋକଙ୍କୁ ପାନୀୟ ଜଳ ଭଳି ମୌଳିକ ଅଧିକାର ଦେବା ନିମନ୍ତେ ସରକାର ପାଣି ପଞ୍ଚାୟତ ନାମରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଏହାର ବ୍ୟତିକ୍ରମ ଶରତ ଗ୍ରାମ ପଞ୍ଚାୟତ ସାନ କାଦବାହାଳି ଗ୍ରାମରେ ଦେଖା ଯାଇଛି। ଜଳ କଷ୍ଟ ଦ୍ୱାରା ହନ୍ତସନ୍ତ ହେଉଥିବା ଦେଖା ଦେଇଛି। ଆଗାମୀ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହୋଇ ପାରିଲେ ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।

କାଳ ବୈଶାଖୀ ରେ ଉପୁଡ଼ିଲା ଗଛ ଉଡ଼ିଲା ଛପର ଦୁଇ ଘଣ୍ଟା ଧରି ବର୍ଷା ପବନ

ହାଟଡ଼ିହି(ମହାଭାରତ) :ହାଟଡ଼ିହି ଅଞ୍ଚଳରେ କାଳବୈଶାଖୀ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ସନ୍ଧ୍ୟା ୫ଟା ଠାରୁ ୭ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଅବିଶ୍ରାନ୍ତ ବର୍ଷା ପବନ ଓ କୁଆପଥର ବୃଷ୍ଟି ହୋଇଥିଲା। ଏଥି ଯୋଗୁଁ ବ୍ଲକର ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗଛ ଉପୁଡ଼ି ଯାଇଥିବା ବେଳେ ଅନେକ ଚାଲ ଘରର ଛପର ଉଡ଼ିଯାଇଥିବା ଜଣାଯାଇଛି। ହାଟଡ଼ିହି ବ୍ଲକ ଛକ ନିକଟରେ ଥିବା ଏକ ଗଛ ଉପୁଡ଼ି ପଡିଥିବାବେଳେ ବିଦ୍ୟୁତ ତାର ଛିଣ୍ଡି ପଡ଼ିଛି। ସମଗ୍ର ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଛି। ସେହିପରି ଅସିଆ, ପଦାଡୋ, ଢେଙ୍କା, ସାଳନିଆ , ଆଦି ଗ୍ରାମରେ ଅନେକ ଗଛପତ୍ର ଭାଙ

ଲୁଣରୁ ଚୀନ ପ୍ରସ୍ତୁତ କଲା ପରମାଣୁ ଶକ୍ତି

ନୂଆଦିଲ୍ଲୀ : ଲୁଣରୁ ଚୀନ ତିଆରି କଲା ନ୍ୟୁକ୍ଲିୟର ରିଆକ୍ଟର । ଯେଉଁ ଲୁଣକୁ ଆମେ ଖାଦ୍ୟରେ ସ୍ୱାଦ ପାଇଁ ବ୍ୟବହାର କରୁଛେ, ଚୀନ ସେହି ତରଳ ଲୁଣରୁ ଇତିହାସ ରଚିବା ସହିତ, ବିଶ୍ୱରେ ପ୍ରଥମ ଥର ପାଇଁ ଥୋରିୟମ ମୋଲ୍ଟନ ସଲ୍ଟ ନ୍ୟୁକ୍ଲିୟର ପ୍ରସ୍ତୁତ କରିଛି । ଯେଉଁଥିରୁ କେବଳ ବିଜୁଳି ଉତ୍ପାଦନ ହେଉନି ବରଂ ଏଥିରୁ ଇନ୍ଧନ ମଧ୍ୟ ପ୍ରସ୍ତୁତ କରାଯାଇପାରୁଛି ।

ଏହି ଥୋରିୟମ ତରଳିତ ଲୁଣ ରିଆକ୍ଟର କ'ଣ ?

ଚୀନର ଗୋବି ମରୁଭୂମିର ପାଖରେ ଏହି ରିଆକ୍ଟର ତିଆରି ହୋଇଛି । ଯାହାକି ଛୋଟ ହେଲେ ବି ବେଶ ଶକ୍ତିଶାଳୀ । ଏହା ୨ ମେଗାୱାଟ ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନ କରିଥାଏ । ଏଥିରେ ସାଧାରଣ ପରମାଣୁ ରିଆକ୍ଟର ପରି ୟୁରାନିୟମ ନୁହେଁ ବରଂ ଥୋରିୟମ ନାମକ ଏକ ବିଶେଷ ରେଡିଓ ଆକ୍ଟିଭ୍ ଧାତୁ ପୋଡାଯାଇଥାଏ । ଯାହାକି ପ୍ରଚୁର ପରିମାଣରେ ପୃଥିବୀରେ ମିଳିଥାଏ, ଆଉ ଏହା ବିପଦପୂର୍ଣ୍ଣ ନୁହେଁ । ଏବେ ଏହି ଥୋରିୟମକୁ ଲୁଣ ସହିତ ମିଶେଇ ଏକ ବିଶେଷ ପ୍ରକାରର ଦ୍ରବଣ ତିଆରି କରାଯାଇଛି । ଯାହା ଇନ୍ଧନ ଭାବରେ କାର୍ଯ୍ୟ କରୁଛି । ଏହାସହ ଏହି ରିଆକ୍ଟର ଉଚ୍ଚ ତାପମାତ୍ରାରେ ମଧ୍ୟ ବହୁତ ଥଣ୍ଡା ଭାବରେ କାମ କରେ । ଅର୍ଥାତ୍ ଏହି ରିଆକ୍ଟରରେ ବିସ୍ଫୋରଣ କିମ୍ବା ତରଳିବାର କୌଣସି ବିପଦ ନାହିଁ ।

ବିଶ୍ୱ ଐତିହ୍ୟ ତାଲିକାର ୪୩ଟି ସ୍ଥାନରେ ଭାରତ

ନୂଆଦିଲ୍ଲୀ : ଆଜି ସାରା ବିଶ୍ୱରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଛି । ଏହାକୁ ଆନ୍ତର୍ଜାତିକ ସ୍ମାରକୀ ଓ ସ୍ଥଳ ଦିବସ ମଧ୍ୟ କୁହାଯାଏ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ବିପର୍ଯ୍ୟୟ ଓ ସଂଘର୍ଷରୁ ବିପଦରେ ଥିବା ଐତିହ୍ୟ । ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୮ ତାରିଖରେ ଏହି ଦିବସ ପାଳନ କରାଯାଏ । ଗତ କିଛି ବର୍ଷ ଧରି ବିଶ୍ୱ ଐତିହ୍ୟ ତାଲିକାରେ ଭାରତ କ୍ରମାଗତ ଭାବରେ ନିଜର ଉପସ୍ଥିତି ଜାହିର କରିଛି । ଗତବର୍ଷ ଜୁଲାଇରେ ଆସାମରୁ ଆସିଥିବା ଆହୋମ ବଂଶର ମାଉଣ୍ଡ-କବର ପ୍ରଣାଳୀକୁ ଏକ ସାଂସ୍କୃତିକ ସମ୍ପତ୍ତି ଭାବରେ ଏହି ତାଲିକାରେ ସାମିଲ କରାଯାଇଥିଲା । ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବା ବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ଆଉ ୬୨ଟି ସ୍ଥାନ ରହିଛି । ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଗୁମ୍ଫା ଏବଂ ଏଲୋରା ଗୁମ୍ଫା ତାଲିକାଭୁକ୍ତ ହେବା ପରେ ଦେଶର ଯାତ୍ରା ଆରମ୍ଭ ହୋଇଥିଲା । ଏହି ସ୍ଥାନଗୁଡ଼ିକ କେବଳ ଇତିହାସର ପ୍ରତୀକ ଭାବରେ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ଶିକ୍ଷଣ ସ୍ଥାନ ଭାବରେ ମଧ୍ୟ ସଂରକ୍ଷିତ ରହିଛି । ବିଶ୍ୱ ଐତିହ୍ୟ ଦିବସ ଅବସରରେ ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦେଶର ସମସ୍ତ ଏଏସଆଇ ସଂରକ୍ଷିତ ସ୍ମାରକୀରେ ମାଗଣାରେ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା ।

ପୁଣି ଅଶାନ୍ତ ଦିଲ୍ଲୀ: ନାବାଳକକୁ ଛୁରି ଭୁସି ହତ୍ୟା

ନୂଆଦିଲ୍ଲୀ : ପୁଣି ଅଶାନ୍ତ ରାଜଧାନୀ ଦିଲ୍ଲୀ । ଉତ୍ତର-ପୂର୍ବ ଦିଲ୍ଲୀର ସିଲମପୁରରେ ଜଣେ ନାବାଳକକୁ ଛୁରି ଭୁସି ହତ୍ୟା କରାଯିବା ପରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗଳିଗଦିରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଅନ୍ୟପଟେ ବିଳମ୍ବିତ ରାତିରୁ ମୃତକଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଲୋକଙ୍କ ପ୍ରତିବାଦ ଜାରି ରହିଛି । ପ୍ରତିବାଦରେ ସାମିଲ ଥିବା ଲୋକମାନେ ଅଭିଯୁକ୍ତଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରୁଛନ୍ତି । ସିଲମପୁରରେ ବିରୋଧ ପ୍ରଦର୍ଶନ ମଧ୍ୟରେ, ହିନ୍ଦୁମାନଙ୍କୁ ସ୍ଥାନାନ୍ତର କରିବାକୁ ଦାବି କରୁଥିବା ପୋଷ୍ଟର ମଧ୍ୟ ଲଗାଯାଇଛି । ପ୍ରତିବାଦରେ ସାମିଲ ଥିବା ଲୋକମାନେ ହତ୍ୟାକାରୀଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରୁଛନ୍ତି । ଲୋକମାନେ ସମଗ୍ର ଅଞ୍ଚଳରେ ନିଜ ଘର ବାହାରେ ହାତଲେଖା ପୋଷ୍ଟର ଲଗାଇଛନ୍ତି । ପୁସ୍ତିକାରେ ଲେଖାଯାଇଛି ଯେ ଏହି ଅଞ୍ଚଳରୁ ହିନ୍ଦୁମାନେ ସ୍ଥାନାନ୍ତରିତ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ସୁରକ୍ଷା ପାଇଁ ଗୁହାରି କରିଛନ୍ତି ହିନ୍ଦୁ ସମ୍ପ୍ରଦାୟ । ଗୁରୁବାର ସନ୍ଧ୍ୟାରେ ଉତ୍ତର-ପୂର୍ବ ଦିଲ୍ଲୀର ସିଲମପୁରର ଜେ-ବ୍ଲକରେ ଜଣେ ୧୭ ବର୍ଷୀୟ ବାଳକକୁ ନିର୍ମମ ଭାବରେ ଛୁରି ଭୁସି ହତ୍ୟା କରାଯାଇଥିଲା । ମୃତକଙ୍କ ନାମ କୁନାଲ, ସେ ସେହି ଅଞ୍ଚଳର ବାସିନ୍ଦା ରାଜବୀରଙ୍କ ପୁଅ । ଗୁରୁବାର ସନ୍ଧ୍ୟା ପ୍ରାୟ ୭ ଟା ୩୮ ସମୟରେ ନାବାଳକ ଉପରେ ଆକ୍ରମଣ ହୋଇଥିବା ଜଣାପଡିଛି, ହେଲେ ଅଭିଯୁକ୍ତ

ଏଲନ ନସ୍କଙ୍କ ସହ ଫୋନ୍ ଯୋଗେ କଥା ହେଲା ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ ମସ୍କଙ୍କ ସହ ଫୋନ୍ କରି କଥା ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଶୁକ୍ରବାର ମୋଦୀ ମସ୍କଙ୍କ ସହ ଆଲୋଚନା କରିଛନ୍ତି । ଟେକ୍ନୋଲୋଜୀ ଓ ଇନୋଭେସନ କ୍ଷେତ୍ରରେ ଭାରତ ଏବଂ ଆମେରିକା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାକୁ ପାରସ୍ପରିକ ଆଗ୍ରହ ରହିଛି ବୋଲି ମୋଦୀ କହିଛନ୍ତି । ଗୋଟିଏ ପଟେ ଟେସଲା ଭାରତୀୟ ଇଲେକ୍ଟ୍ରିକ୍ ଯାନ ବଜାରରେ ପ୍ରବେଶ କରିବା ପାଇଁ ସୁଯୋଗ ଅନୁସନ୍ଧାନ କରୁଥିବା ବେଳେ ମୋଦୀଙ୍କ ଆଲୋଚନା ଆଗକୁ ଫଳପ୍ରଦ ହୋଇପାରେ ବୋଲି କୁହାଯାଉଛି । ଚଳିତ ବର୍ଷ ୱାଶିଂଟନ ଡିସିରେ ହୋଇଥିବା ପୂର୍ବ ବୈଠକକୁ ଆଧାର କରି ମସ୍କଙ୍କ ଓ ମୋଦୀଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଭାରତର ଦ୍ରୁତ ଗତିରେ ବିକଶିତ ହେଉଥିବା ଟେକ୍ ଇକୋସିଷ୍ଟମ ଏବଂ ମସ୍କଙ୍କ ଉଦ୍ୟମରେ ହେଉଥିବା କଟିଂ ଏଜ୍ ଇନୋବେସନ ଉପରେ ଆଲୋକପାତ କରାଯାଇଥିଲା । ଆଲୋଚନା ଉପରେ ସବିଶେଷ ସୂଚନା ଦେଇ ମୋଦୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି "ଏଲୋନ ମସ୍କଙ୍କ ସହ କଥା ହୋଇ ବିଭିନ୍ନ ପ୍ରସଙ୍ଗ ବିଷୟରେ ଆଲୋଚନା କଲି, ଚଳିତ ବର୍ଷ ଆରମ୍ଭରେ ୱାଶିଂଟନ ଡିସିରେ ଆମର ବୈଠକ ସମୟରେ ଆମ ଆଲୋଚିତ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଛୁ । ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗର ଅପାର ସମ୍ଭାବନା ଉପରେ ଆଲୋଚନା କଲୁ । ଭାରତ ଏହି କ୍ଷେତ୍ରଗୁଡ଼ିକରେ ଆମେରିକା ସହିତ ଆମର ସହଭାଗୀତାକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ।"

ଚଳିତ ବର୍ଷ ଫେବୃଆରୀରେ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦିନିଆ ଆମେରିକା ଗସ୍ତ ସମୟରେ ଏଲନ ମସ୍କଙ୍କୁ ଭେଟିଥିଲେ । ମସ୍କଙ୍କ ସମେତ ତାଙ୍କର ୩ ସନ୍ତାନ - ଏକ୍ସ, ଷ୍ଟ୍ରାଇଡର ଏବଂ ଆଜ୍ୟୁର ମଧ୍ୟ ଥିଲେ । ସାକ୍ଷାତ ସମୟରେ ଏଲୋନ ମସ୍କ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏକ ଷ୍ଟାରସିପ୍ ହେକ୍ସାଗୋନାଲ୍ ହିଟ୍ସିଲ୍ଡ ଟାଇଲ୍ ଉପହାର ମଧ୍ୟ ଦେଇଥିଲେ ।

ଟେସଲ ଭାରତରେ ଏଣ୍ଟ୍ରି ମାରିବା ଅପେକ୍ଷାରେ ରହିଛି । ଆସନ୍ତା କିଛି ମାସ ମଧ୍ୟରେ ଟେସ୍ ?ଲା ଆମେରିକାରୁ କେତେ ହଜାର କା ? ଆମଦାନୀ କରି ଭାରତରେ ବିକ୍ରି କରିବ । ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଚଳିତ ବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ମୁମ୍ବାଇ, ଦିଲ୍ଲୀ ଏବଂ ବାଙ୍ଗାଲୋରରେ କମ୍ପାନୀ କାର ବିକ୍ରୟ ଆରମ୍ଭ କରିବାକୁ ଯୋଜନା କରୁଛି ।

ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଯିବେ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା

ନୂଆଦିଲ୍ଲୀ: ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ମେ ୨୦୨୫ରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ) ଅଭିମୁଖେ ଏକ ଐତିହାସିକ ଯାତ୍ରା ଆରମ୍ଭ କରି ଇତିହାସ ରଚିବାକୁ ପ୍ରସ୍ତୁତ ହେଉଛନ୍ତି । ସେ ଅକ୍ସିୟମ ମିଶନ ୪ (ଏକ୍ସ-୪)ରେ ମିଶନ ପାଇଲଟ ଭାବେ ଯୋଗଦେବେ, ଯାହା ନାସା ଏବଂ ଅକ୍ସିୟମ ସ୍ପେସ ସହଯୋଗରେ ଆୟୋଜିତ ଏକ ବେସରକାରୀ ମହାକାଶଚାରୀ ମିଶନ । ଏହି ମିଶନ ଶୁଭାଂଶୁ ଶୁକ୍ଳାଙ୍କୁ ଆଇଏସଏସରେ ପହଞ୍ଚୁଥିବା ପ୍ରଥମ ଭାରତୀୟ ମହାକାଶଚାରୀ ଏବଂ ୧୯୮୪ରେ ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯାଉଥିବା ଦ୍ୱିତୀୟ ଭାରତୀୟ ଭାବେ ପରିଗଣିତ କରାଇବ । ଶୁଭାଂଶୁ ଶୁକ୍ଳା ୧୦ ଅକ୍ଟୋବର ୧୯୮୫ରେ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଜନ୍ମଗ୍ରହଣ କରିଥିଲେ ।

ଜଗନ୍ ମୋହନ ରେଡ୍ଡୀଙ୍କ ୨୭ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ : ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ ରେଡ୍ଡୀଙ୍କ କୋଟି ଟଙ୍କାର ସମ୍ପତ୍ତି ଜବତ । ମନି ଲଣ୍ଡରିଂ ମାମଲାରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦିନ ଜଗନ୍ ମୋହନ ରେଡ୍ଡୀଙ୍କ ୨୭.୫ କୋଟି ଟଙ୍କାର ଅଂଶ ଏବଂ ୩୭୭.୨ କୋଟି ଟଙ୍କା ମୂଲ୍ୟର ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ୍) କୁ ସିଜ୍ ? କରିଛି । ତେବେ ଜବତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୭୯୩.୩ କୋଟି ବୋଲି ଡିସିବିଏଲ କହିଛି । ମାମଲା ପଞ୍ଜୀକୃତ ହେବାର ୧୪ ବର୍ଷ ପରେ ଏହି ଜବରଦଖଲ କରାଯାଇଛି । ଏହି ମନି ଲଣ୍ଡରିଂ ମାମଲା ସିବିଆଇ ଦ୍ୱାରା ୨୦୧୧ରେ ପଞ୍ଜୀକୃତ ହୋଇଥିବା ଏଫ୍ଆଇଆର୍ ସହିତ ଜଡିତ । ଯେଉଁଥିରେ ଡିସିବିଏଲ୍ ଭାରତ ସିମେଣ୍ଟ କର୍ପୋରେସନ୍ ପ୍ରାଇଭେଟ ଲିମିଟେଡରେ ନିବେଶ କରିଥିଲା । ଇଡି ଅନୁଯାୟୀ, ଏହି ବିନିଯୋଗ ଜଗନର କମ୍ପାନୀଗୁଡିକରେ ୯୫ କୋଟି ଟଙ୍କା ଦେୟ ଆକାରରେ କରାଯାଇଥିଲା । ଯାହା ବଦଳରେ କଡପା ଜିଲ୍ଲାର ୪୦୭ ହେକ୍ଟର ଖଣି ଲିଜ୍ ଉଉଇଖ କୁ ହସ୍ତାନ୍ତର କରାଯାଇଥିଲା । ଇଡି ଏବଂ ସିବିଆଇ ଅଭିଯୋଗ କରିଛି ଯେ ଡିସିବିଏଲ ଏବଂ ଜଗନ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ରଘୁରାମ ସିମେଣ୍ଟ ଲିମିଟେଡର ସେୟାର ଗୁଡିକ ଫ୍ରାନ୍ସ କମ୍ପାନୀ ପାରଫିସିମକୁ ୧୩୫ କୋଟିରେ ବିକ୍ରି କରାଯାଇଛି । ସେଥିମଧ୍ୟରୁ ୫୫ କୋଟି ଟଙ୍କା ନଗଦ ଜଗନକୁ ଦିଆଯାଇଥିଲା । ୨୦୧୩ରେ ଏପ୍ରିଲ୍ ୮, ରେ ସିବିଆଇ ଜଗନ୍ ଏବଂ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସି ବିଭାଗ ଅଧୀନରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା । ଡାଲମିଆ ସିମେଣ୍ଟ ଝରଇଓ କୁ ସୂଚନା ଦେଇଛି ଯେ ଏହା ଏପ୍ରିଲ୍ ୧୫, ୨୦୨୫ ରେ ସମ୍ପତ୍ତି ଜବତ ପାଇଁ ଆଦେଶ ମିଳିଥିଲା । କିନ୍ତୁ ଏହା କମ୍ପାନୀର କାର୍ଯ୍ୟକାରିତା ଉପରେ କୌଣସି ପ୍ରଭାବ ପକାଇ ନାହିଁ । କମ୍ପାନୀ ଏହି ଆଦେଶର ସମୀକ୍ଷା କରିବ ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।

ଡିଜେ ଲାଇଟ ବିଗାଡି ଦେଲା ବିମାନର ସନ୍ତୁଳନ, ଅଳ୍ପକେ ବର୍ତ୍ତିଲେ ୧୭୨ ଯାତ୍ରୀ

ପାଟନା : ବିହାର ରାଜଧାନୀ ପାଟନାରେ ଏକ ବିମାନ ଦୁର୍ଘଟଣା ଅଳ୍ପକେ ଟଳି ଯାଇଛି । କୁହାଯାଉଛି ଏକ ବରଯାତ୍ରୀରେ ଯାଉଥିବା ଡିଜେର ଲେଜର ଲାଇଟ୍ ପୁରା ବିମାନ ଓ ଏଥିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଜୀବନକୁ ସଂକଟରେ ପକାଇ ଦେଇଥିଲା । ଘଟଣା ସେତେବେଳେ ହୋଇଥିବା ଯେତେବେଳେ ପାଟନା ବିମାନ ବନ୍ଦରରେ ବିମାନ ଅବତରଣ କରିବାକୁ ଯାଉଥିଲା । ତେବେ ପାଇଲଟ ତାଙ୍କ ଉପସ୍ଥିତ ବୁଦ୍ଧି ଖଟାଇ ବିମାନ ଓ ଯାତ୍ରୀଙ୍କ ଜୀବନ ରକ୍ଷା କରିଛନ୍ତି । ଏହି ଘଟଣା ଗୁରୁବାର ସନ୍ଧ୍ୟାରେ ଘଟିଥିଲା । ମିଳିଥିବା ସୂଚନା ଅନୁସାରେ ଇଣ୍ଡିଗୋର ଏକ ଫ୍ଲାଇଟ୍ ପୁଣେରୁ ପାଟନା ବାହାରିଥିଲା । ବିମାନଟି ପାଟନା ଏୟାରପୋର୍ଟରେ ଲ୍ୟାଣ୍ଡ କରୁଥିବା ବେଳେ ଏପରି ଘଟଣା ଘଟିଥିଲା । ବିମାନଟି ଲ୍ୟାଣ୍ଡ କରୁଥିବା ବେଳେ ଏୟାରପୋର୍ଟରୁ କିଛି ଦୂରରେ ଏକ ବରଯାତ୍ରୀ ଯାଉଥିଲା । ବରଯାତ୍ରୀ ବ୍ୟାଣ୍ଡ ପାର୍ଟିରେ ଥିବା ଡିଜେରୁ ସେହିପରି ଲେଜର ଲାଇଟ ବାହାରୁଥିଲା ଯେପରି ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ଙ୍କ ଲାଇଟ୍ । ଏହା ମଝି ଆକାଶରେ ବିମାନର ସନ୍ତୁଳନକୁ ବିଗାଡି ଦେଇଥିଲା । କୁହାଯାଉଛି ସେତେବେଳେ ବିମାନରେ ୧୭୨ ଜଣ ଯାତ୍ରୀ ଥିଲେ । ତେବେ ପାଇଲଟ ତାଙ୍କ ବୁଦ୍ଧିମତାରେ ବିମାନକୁ ସୁରକ୍ଷିତ ଲ୍ୟାଣ୍ଡ କରାଇଥିଲେ । ବିମାନ ଅବତରଣ କରିବା ପରେ ପାଇଲଟ ତୁରନ୍ତ ଏ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ସେହି ଅନୁସାରେ କର୍ତ୍ତୃପକ୍ଷ ଏୟାରପୋର୍ଟ ପୋଲିସକୁ ସୂଚନା ଦେଇଥିଲା । ତେବେ ଏୟାରପୋର୍ଟ ପୋଲିସ ପହଞ୍ଚିବା ବେଳେକୁ ସେଠାରୁ ବରାଯାତ୍ରୀ ଚାଲିଯାଇସାରିଥିଲେ । କୁହାଯାଉଛି ଡିଜେର ଲେଜର ଲାଇଟ୍ ଠିକ୍ ସେହିପରି ଥିଲା ଯେପରି ଏଟିସିଙ୍କ ଲାଇଟ୍ । ଡିଜେର ଲାଇଟ୍ ସେହି ସମୟରେ ଜଳି ଉଠିଥିଲା ଯେତେବେଳେ ବିମାନ ଲ୍ୟାଣ୍ଡ କରିବା ବେଳେ ଏଟିସି ଜଳାନ୍ତି । ତେବେ ଏହି ପୁରା ଘଟଣାରେ ପାଇଲଟ କେଉଁଟି ଏଟିସିର ଓ କେଉଁଟି ଡିଜେର ଲାଇଟ୍ ତାହା ନିଜେ ନିର୍ଦ୍ଧାରଣ କରି ବିମାନକୁ ଅବତରଣ କରାଇଥିଲେ । ନଚେତ ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଘଟିବା ନିଶ୍ଚିତ ଥିଲା ।

ବାଂଲାଦେଶର ପାକିସ୍ତାନ ମଧ୍ୟରେ ହେବ ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ : ପଦାରେ ପଡ଼ିଲା ବାଂଲାଦେଶର ପାକିସ୍ତାନ ପ୍ରେମ । ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ପ୍ରଫେସର ମହମ୍ମଦ ୟୁନୁସ୍ ପାକିସ୍ତାନ ସହ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରି ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ କେତେକ ପ୍ରତିବନ୍ଧକକୁ ଦୂର କରି ବାଣିଜ୍ୟ ଏବଂ ବ୍ୟବସାୟିକ ସମ୍ଭାବନାର ଅନୁସନ୍ଧାନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପାକିସ୍ତାନ ବୈଦେଶିକ ସଚିବ ଆମନା ବଲୋଚ୍ କହିଛନ୍ତି, ଏଥିରେ କିଛି ପ୍ରତିବନ୍ଧକ ରହିଛି ଏବଂ ଏହି ପ୍ରତିବନ୍ଧକକୁ ଦୂର କରି ଆଗକୁ ବଢ଼ିବା ପାଇଁ ଆମକୁ ଉପାୟ ଖୋଜିବାକୁ ପଡ଼ିବ । ଗତ ୧୫ ବର୍ଷ ମଧ୍ୟରେ ବାଂଲାଦେଶ ଗସ୍ତରେ ଆସିଥିବା ପ୍ରଥମ ପାକିସ୍ତାନୀ ବୈଦେଶିକ ସଚିବ ବଲୋଚ୍ ? ଅତୀତର ପ୍ରସଙ୍ଗକୁ ସ୍ୱୀକାର କରି କହିଛନ୍ତି , ବାଂଲାଦେଶ ଏବଂ ପାକିସ୍ତାନକୁ ଦୁଇ ଦେଶ ମଧ୍ୟରେ ଥିବା ସମ୍ଭାବନାକୁ ଉପଯୋଗ କରିବାର ଉପାୟ ଖୋଜିବାକୁ ପଡ଼ିବ । ସେ ଆହୁରି ମଧ୍ୟ କହିଛନ୍ତି, 'ଅଧିକାର ଆଧାରରେ ଆମର ବିପୁଳ ଆନ୍ତଃବଜାର ସମ୍ଭାବନା ଅଛି ଏବଂ ଆମେ ଏହାର ଉପଯୋଗ କରିବା ଉଚିତ । ବାଂଲାଦେଶ ମୁଖ୍ୟ ପରାମର୍ଶଦାତାଙ୍କ ପ୍ରେସ୍ ଅଧିକାରୀ କହିଛନ୍ତି , ଏଫ୍‌ବିସିଆଇର ଏକ ପ୍ରତିନିଧି ଦଳ ଜାନୁଆରୀ ୨୦୨୫ରେ ବାଂଲାଦେଶ ଗସ୍ତ କରିବେ ଏବଂ ଏଫ୍‌ବିସିଆଇ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ । ଏପ୍ରିଲ ଶେଷରେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇଶାକ ଦାରଙ୍କ ଆଗାମୀ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ପାକିସ୍ତାନ ବୈଦେଶିକ ସଚିବ ଆଶା ବ୍ୟକ୍ତ କରିଛନ୍ତି ।

ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା

ନୂଆଦିଲ୍ଲୀ: ଭାରତ ଏବଂ ଚୀନ୍ ମଧ୍ୟରେ ଥିବା ଗତ ୪ ବର୍ଷରୁ ଅଧିକ ସମୟ ଧରି ଜାରି ହୋଇଥିବା ସୀମା ବିବାଦ ଏବେ ତୁଟିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ମୋଦି ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ଆଲୋଚନା ଯୋଗୁଁ ଏହା ସମ୍ଭବପର ହୋଇପାରିଛି । ଦୀର୍ଘ ୪ ବର୍ଷ ଧରି ବନ୍ଦ ରହିଥିବା କୈଳାଶ ମାନସରୋବର ଯାତ୍ରା ପୁଣିଥରେ ଆରମ୍ଭ ହେବାକୁ ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଛି । ୨୦୨୩ରେ ବେଜିଂରେ ଆୟୋଜିତ ହୋଇଥିବା ବୈଠକରେ ସୀମା ବିବାଦକୁ ନେଇ ଆଲୋଚନା କରାଯାଇଥିଲା । ଏହାସହିତ କୈଳାଶ ମାନସରୋବର ଯାତ୍ରାକୁ ଆରମ୍ଭ କରିବା ନେଇ ଚର୍ଚ୍ଚା ମଧ୍ୟ ହୋଇଥିଲା । ଏବେ ଦୁଇ ପକ୍ଷ ଯାତ୍ରା ଆରମ୍ଭ କରିବାକୁ ସହମତି ପ୍ରକାଶ କରିଛନ୍ତି । ଚଳିତଥର ଯାତ୍ରା ଟିକେ ବିଳମ୍ବରେ ଆରମ୍ଭ ହେବ । ଚୀନ ତୀର୍ଥଯାତ୍ରୀଙ୍କ ପାଇଁ ସୁବିଧାର ନବୀକରଣ କରିବାକୁ ସମୟ ଚାହୁଁଛି । ଏଥିରେ ପ୍ରଥମ ପଦକ୍ଷେପ ଥିଲା, ଏଲଏସିରେ ଉତ୍ତେଜନା ହ୍ରାସ କରିବା । ଉଭୟ ଦେଶର ସେନା ନିଜ ନିଜ ଅଞ୍ଚଳରେ ସାଧାରଣ ପାଟ୍ରୋଲିଂ କରୁଛନ୍ତି । ଏହା ସହିତ, ୨୦୨୦ ମସିହାରୁ ବନ୍ଦ ଥିବା ମାନସରୋବର ଯାତ୍ରାକୁ ପୁନଃ ଆରମ୍ଭ କରିବା ପାଇଁ ପଥ ପରିଷ୍କାର ହୋଇଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସ୍ପଷ୍ଟ କରିଛନ୍ତି ଯେ, ଆମେ

ହାଇଦ୍ରାବାଦ୍‌କୁ ହରାଇ ମୁମ୍ବାଇର କ୍ରମାଗତ ଦ୍ୱିତୀୟ ବିଜୟ

ମୁମ୍ବାଇ, ୧୮।୪: ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୪ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି ହାଇଦ୍ରାବାଦ୍ ପକ୍ଷରୁ ଧାର୍ଯ୍ୟ ୧୬୩ ରନର ଟାର୍ଗେଟକୁ ମୁମ୍ବାଇ ୧୮.୧ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା ଏହା ମୁମ୍ବାଇର କ୍ରମାଗତ ଦ୍ୱିତୀୟ ଓ ମୋଟ ଉପରେ ତୃତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ ଲାଗି ଏହା ପଞ୍ଚମ ପରାଜୟ ମ୍ୟାଚ୍ ପୂର୍ବରୁ ମୁମ୍ବାଇ ବ୍ୟାଟର ରୋହିତ ଶର୍ମାଙ୍କୁ ବିସିସିଆଇ ସଭାପତି ରୋଜର ବିନି ସମ୍ବର୍ଦ୍ଧିତ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା ଦଳ ପକ୍ଷରୁ ଅଭିଷେକ ଶର୍ମା ୨୮ ବଲରେ ସର୍ବାଧିକ ୪୦ (୭ ଚୌକା) ରନ କରିଥିବା ବେଳେ ହନରିଚ କ୍ଲାସେନ ୨୮ ବଲରେ ୩୭ (୩ ଚୌକା ଓ ୨ ଛକା), ଟ୍ରାଭିସ ହେଡ୍ ୨୮ (୩ ଚୌକା), ଅନିକେତ ବର୍ମା ୮ ବଲରେ ୧୮ (୨ ଛକା) ରନ କରିଥିଲେ। ଏହି ମ୍ୟାଚ୍ ଜରିଆରେ ହେଡ୍ ଦ୍ୱିତୀୟ ଦ୍ରୁତତମ ବ୍ୟାଟର ଭାବେ ଆଇପିଏଲ୍ କ୍ୟାରିୟରରେ ଏକ ହଜାର ରନ ପୂରଣ କରିଛନ୍ତି।

ମୁମ୍ବାଇ ପକ୍ଷରୁ ଓ୍ୱିଲ ଜ୍ୟାକ୍ସ ୨ ଉଇକେଟ ନେଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମରା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ଜବାବରେ ମୁମ୍ବାଇକୁ ରିଆନ ରିକଲଟନ ଓ ରୋହିତ ଶର୍ମାଙ୍କ ଓପନିଂ ଯୋଡ଼ି ଭଲ ଆରମ୍ଭ କରିଥିଲେ। ରୋହିତ ୧୬ ବଲରେ ୩ ଛକା ବଳରେ ୨୬ ଓ ରିକଲଟନ ୫ ଚୌକା ସହିତ ୩୧ ରନ ପାଭିଲିଅନ ଫେରିଥିଲେ ।ଏହାପରେ ଓ୍ୱିଲ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୫୨ ରନ ଯୋଡ଼ିଥିଲେ ଦୁହେଁ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ କୁମିନ୍ସଙ୍କ ବଳରେ ଆଉଟ ହୋଇଥିଲେ। ଜ୍ୟାକ୍ସ ୨୬ ବଲରେ ୩ ଚୌକା ଓ ୨ ଛକା ସହିତ ୩୬ ଏବଂ ସୂର୍ଯ୍ୟକୁମାର ୧୫ ବଲରେ ୨ ଲେଖାଏ ଚୌକା ଓ ଛକା ବଳରେ ୨୬ ରନ କରି ପାଭଲିଅନ ଫେରିଥିଲେ। ଶେଷ ଆଡ଼କୁ ତିଲକ ବର୍ମା ୧୭ ଓ ହାର୍ଦ୍ଦିକ ୨୧ (୩ ଚୌକା ଓ ୧ ଛକା) ରନ କରି ଦଳକୁ ଜିତାଇଥିଲେ।

ପୁଣି ବଦଳିବେ ରାଜସ୍ଥାନ ରୟାଲ୍ସ ଅଧିନାୟକ ?

ନୂଆଦିଲ୍ଲୀ, ୧୮।୪: ୨୦୨୫ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ଏପର୍ଯ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଆସୁଛି। ଏବେ ଦଳରେ ଏକ ନୂତନ ସମସ୍ୟା ସୃଷ୍ଟି ହୋଇଛି। ସିଜିନ ମଝିରେ ରାଜସ୍ଥାନକୁ ପୁଣି ଥରେ ଅଧିନାୟକ ପରିବର୍ତ୍ତନ କରିବାକୁ ପଡ଼ିପାରେ। ଏହାର କାରଣ ହେଉଛନ୍ତି ଅଧିନାୟକ ସଞ୍ଜୁ ସାମସନ ରାଜସ୍ଥାନ ଏହାର ପରବର୍ତ୍ତୀ ମ୍ୟାଚ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ରେ ସାମସନଙ୍କ ସ୍ଥାନରେ ଆଉ ଜଣେ ଅଧିନାୟକ ହୋଇପାରେ। କାରଣ ଅଧିନାୟକ

ସାମସନ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ ହୋଇନାହନ୍ତି। ଚଳିତ ସିଜିନରେ ଏପର୍ଯ୍ୟନ୍ତ ୭ଟି ମ୍ୟାଚ ରୁ ୫ଟିରେ ପରାଜିତ ହୋଇଛି। ରାଜସ୍ଥାନ ରୟାଲ୍ସ ତେବେ ଅଧିନାୟକ ସାମସନ୍ ଗତ ମ୍ୟାଚ୍‌ରେ ଆହତ ହୋଇଯାଇଥିଲେ। ଏହି କାରଣରୁ ସେ ତାଙ୍କର ଇନିଂସ ସମାପ୍ତ କରିପାରି ନ ଥିଲେ ସେ ରିଟାୟାର ହର୍ଟ ହେବା ପରେ ପାଭିଲିୟନ ଫେରିଯାଇଥିଲେ। ସୁପର ଓଭରରେ ମଧ୍ୟ ରାଜସ୍ଥାନ ଦଳ ତାଙ୍କ ବିନା ମଇଦାନକୁ ଆସିଥିଲା।

ଶନିବାର ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷ ମ୍ୟାଚ ପୂର୍ବରୁ, ରାଜସ୍ଥାନର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରବିଡ କହିଛନ୍ତି ଯେ ସଞ୍ଜୁଙ୍କ ଫିଟନେସ ସମ୍ପର୍କରେ ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ ତାଙ୍କୁ ସ୍କାନ ପାଇଁ ପଠାଯାଇଥିଲା, ଯାହାର ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ।ଏହି ରିପୋର୍ଟ ଆଧାରରେ, ଦ୍ରବିଡ ଏବଂ ରାଜସ୍ଥାନ ଦଳ ପ୍ରବନ୍ଧନ ସେମାନଙ୍କ ଅଧିନାୟକଙ୍କ ଖେଳବା ନେଇ ନିଷ୍ପତ୍ତି ନେବେ। ଏମିତିରେ ଯଦି ସାମସନ ଏହି ମ୍ୟାଚ୍ ପାଇଁ ଫିଟ୍ ନ ହୁଅନ୍ତି, ତେବେ ରାଜସ୍ଥାନକୁ ପୁଣିଥରେ ଅଧିନାୟକ ପରିବର୍ତ୍ତନ କରିବାକୁ ପଡ଼ିପାରେ। ଏପରି ପରିସ୍ଥିତିରେ ଅଧିନାୟକ ଦାୟିତ୍ୱ ପୁଣି ଥରେ ରିୟାନ ପରାଗଙ୍କ କାନ୍ଧକୁ ଆସିପାରେ। ଏହି ସିଜିନ ଆରମ୍ଭରେ ମଧ୍ୟ ଗିଆନ ୩ ମ୍ୟାଚରେ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ଏହାପରେ ଆଙ୍ଗୁଠିରେ ଆଘାତ ଯୋଗୁ ସାମସନ କେବଳ ବ୍ୟାଟିଂ କରିପାରିଥିଲେ। ଏମିତିରେ ସେ ଜଣେ ଇମ୍ପ୍ୟାକ୍ଟ ଖେଳାଳି ଭାବରେ ଖେଳୁଥିଲେ ତାଙ୍କ ଅଧିନାୟକତ୍ୱରେ, ଦଳ ପ୍ରଥମ ଦୁଇଟି ମ୍ୟାଚ୍ ହାରିଥିଲା କିନ୍ତୁ ତୃତୀୟ ମ୍ୟାଚ ଜିତିଥିଲା।

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

ରାଜସ୍ଥାନ ରୟାଲ୍ସ
ବନାମ
ଏଲ୍‌ଏସ୍‌ଜି

ପଏଣ୍ଟ ତାଲିକା

ଦଳ	ମ୍ୟାଚ୍	ବିଜୟ	ପରାଜୟ	ପଏଣ୍ଟ
ଦିଲ୍ଲୀ କ୍ୟାପିଟାଲ୍	୦୬	୦୫	୦୧	୧୦
ପଞ୍ଜାବ କିଙ୍ଗ୍‌ସ	୦୭	୦୫	୦୨	୧୦
ଗୁଜରାଟ ଟାଇଟନ୍ସ	୦୬	୦୪	୦୧	୦୮
ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର	୦୭	୦୪	୦୩	୦୮
ଲକ୍ଷ୍ନୌ ସୁପର ଜିଆଣ୍ଟସ	୦୭	୦୪	୦୩	୦୮
କୋଲକାତା ନାଇଟ୍ ରାଇଡର୍ସ	୦୭	୦୩	୦୪	୦୬
ମୁମ୍ବାଇ ଇଣ୍ଡିଆନ୍ସ	୦୭	୦୩	୦୪	୦୬
ରାଜସ୍ଥାନ ରୟାଲ୍‌ସ	୦୬	୦୨	୦୫	୦୪
ସନରାଇଜର୍ସ ହାଇଦ୍ରାବାଦ	୦୭	୦୨	୦୫	୦୪
ଚେନ୍ନାଇ ସୁପର କିଙ୍ଗ୍‌ସ	୦୭	୦୨	୦୫	୦୪

୨୬ରେ ଡାଇମଣ୍ଡ ଲିଗ୍: ଭାଗନେବେ ଅବିନାଶ ସାବ୍‌ଲେ

ନୂଆଦିଲ୍ଲୀ, ୧୮।୪: ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ଏପ୍ରିଲ ୨୬ରେ ଝଇନାର ଜିଆମେନ୍‌ଠାରେ ହେବାକୁଥିବା ସିଜନ ଓପନିଂ ଡାଇମଣ୍ଡ ଲିଗ୍ ମିଟିଂରେ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଭାଗ ନେବେ ସେମାନଙ୍କ ମଧ୍ୟରେ ଅଲିମ୍ପିକ ଓ ବିଶ୍ ଝମ୍ପିୟନ ମରକ୍ୱୋର ସୋଫିଆ ନେ ଏଲ୍ ବାକାଲି ରହିଛନ୍ତି ପ୍ୟାରିସ ଅଲିମ୍ପିକ୍ସ ଓ ୱାଲରଡ ଝମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା କେନିଆର ଆବ୍ରାହମ କିବିଓଡ୍ ମଧ୍ୟ ଏଥିରେ ଭାଗନେବେ ଏହି ଷ୍ଟିପଲଚେଜର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାବ୍‌ଲେଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ ।ଗତବର୍ଷ ସେପ୍ଟେମ୍ବରରେ ଡାଇମଣ୍ଡ ଲିଗ୍ ଫାଇନାଲ ପରେ ସାବ୍‌ଲେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଗତଥର ସେ ୮ ମିନିଟ ଓ ୧୭.୦୯ ସେକେଣ୍ଡ ଟାଇମିଂରେ ୯ମ ସ୍ଥାନରେ ରହିଥିଲେ ୮:୦୯.୯୧ ଟାଇମିଂ ସହ ଜାତୀୟ ରେକର୍ଡ କରିଥିବା ୩୦ ବର୍ଷୀୟ ସାବ୍‌ଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮:୧୪.୧୮ ଟାଇମିଂ ସହ ୧୧ଶ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଟାଇମିଂକୁ ଭିତ୍ତିକରି ସାବ୍‌ଲେ ସେପ୍ଟେମ୍ବରରେ ବିଶ୍ ଝମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

ସେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ଝମ୍ପିୟନଶିପ୍‌ରେ ଭାଗ ନେଇପାରିବେ ନାହିଁ, ଯାହାକି ଆସନ୍ତା ମାସରେ କୋରିଆରେ ହେବାକୁଥିବା ଏସିଆନ ଝମ୍ପିୟନଶିପ୍ ପାଇଁ ଫାଇନାଲ ସିଲେକ୍ସନ ଇଭେଣ୍ଟ ।ସୂଚନାଯୋଗ୍ୟ, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଅର (ଏଏଫ୍‌ଆଇ) ଏସିଆନ ଝମ୍ପିୟନଶିପ୍‌ରେ ଭାଗ ନେବାଲାଗି ମନୋନୀତ ହେବାକୁ ଝହୁଁଥିବା ଆଥ୍‌ଲେଟମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ କରିଛି ତେବେ ଯେଉଁମାନେ ଅନୁମତି ନେଇ ବିଦେଶରେ ଟ୍ରେନିଂ ନେଉଥିବେ କିମ୍ବା କୌଣସି ପ୍ରତିଯୋଗିତାରେ ଭାଗ ନେଉଥିବେ ସେମାନଙ୍କ ଲାଗି ଏହି ନିୟମ କୋହଳ କରାଯାଇଛି।

ପୁଣି ଖେଳାଯିବ ଟି୨୦ ମୁମ୍ବାଇ ଲିଗ୍: ରୋହିତ ହେବେ ବ୍ରାଣ୍ଡ ଆମ୍ବାସାଡର

ମୁମ୍ବାଇ, ୧୮।୪: ଭାରତର ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ରୋହିତ ଶର୍ମା ଟି୨୦ ମୁମ୍ବାଇ ଲିଗ୍‌ରେ ବ୍ରାଣ୍ଡ ଆମ୍ବାସାଡର ହେବାକୁ ଯାଉଛନ୍ତି ।କୋଭିଡ୍ ମହାମାରୀ ପୂର୍ବରୁ ଏହି ଲିଗ୍ ୨୦୧୮ ଓ ୨୦୧୯ରେ ଦୁଇଥର ଖେଳାଯାଇଛି। ରୋହିତ ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଥିଲେ ମଧ୍ୟ ଆଇପିଏଲ୍‌ରେ ଖେଳୁଛନ୍ତି।

ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟର, ଅଜିଙ୍କ୍ୟ ରାହାନେ, ଶିବମ ଦୁବେ, ତୁଷାର ଦେଶପାଣ୍ଡେ ପ୍ରମୁଖ ମୁମ୍ବାଇର କେତେଜଣ ଲୋକପ୍ରୟ ଖେଳାଳି ରହିଛନ୍ତି ।ଟେଷ୍ଟ ଓପନ ଯଶସ୍ୱୀ ଜୟସ୍ୱାଲ କିଛିଦିନ ତଳେ ଗୋଆରେ ଯୋଗଦେଇଛନ୍ତି ଏହି ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏଲ୍ ସହିତ ସମ୍ପୃକ୍ତ ଆଇପିଏଲ୍ ଶେଷ ନ ହେବା ପର୍ଯ୍ୟନ୍ତ ଇଭେଣ୍ଟ ଆରମ୍ଭ ନ କରିବା ଲାଗି ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ସ୍ଥିର କରିଛି ଏହି ଖେଳାଳିମାନେ ଟି୨୦ ମୁମ୍ବାଇ ଲିଗ୍‌ରେ ଖେଳିବେ ବୋଲି ଆଶା କରାଯାଉଛି। ମାତ୍ର ସେମାନଙ୍କୁ ବାଧ୍ୟ କରାଯିବ ନାହିଁ ଇଭେଣ୍ଟରେ ଅଂଶଗ୍ରହଣ ଦ୍ୱାରା କେବଳ ମୁମ୍ବାଇ କ୍ରିକେଟର ବିକାଶ ଘଟିବ ନାହିଁ ବରଂ ଖେଳାଳି ଓ ଲିଗ୍ ଉପକୃତ ହେବେ ବୋଲି ଏମ୍‌ସିଏର ଜଣେ ଅଫିସିଆଲ କହିଛନ୍ତି ଶୁକ୍ରବାର ଇଭେଣ୍ଟ ସମ୍ପର୍କରେ ଘୋଷଣା କରାଯିବ କାର୍ଯ୍ୟକ୍ରମରେ ରୋହିତ ଉପସ୍ଥିତ ରହିବେ ବୋଲି ଆଶା କରାଯାଉଛି।

ଖବର ଅନୁସାରେ ପ୍ରତିଯୋଗିତାରେ ଏମ୍‌ସିଏ ଆଇକନ ଖେଳାଳିମାନଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏ ଦେବ ଇଭେଣ୍ଟରେ ଅଂଶ ଗ୍ରହଣ କରିବା ଲାଗି ୨,୮୦୦ରୁ ଅଧିକ ଖେଳାଳି ଆଗ୍ରହ ପ୍ରକାଶ କରିଛନ୍ତି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବେ ଦୁଇଟି ନୂଆ। ଦଳ ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ ଅନ୍ୟ ୬ଟି ଦଳ ହେଲେ ନର୍ଥ ମୁମ୍ବାଇ ପାନ୍ଥର୍ସ, ଏଅ।ର୍‌ସଏସ୍ ଅନ୍ଧେରୀ, ଟ୍ରିମ୍ଫ ନାଇଟ୍ସ, ମୁମ୍ବାଇ ନର୍ଥ ଇଷ୍ଟ, ନମୋ ବାନ୍ଦ୍ରା ବ୍ଲାଷ୍ଟର୍ସ, ଇଗଲ ଥାନେ ଷ୍ଟ୍ରାଇକର୍ସ ଓ ଆକାଶ ଟାଇଗର୍ସ, ମୁମ୍ବାଇ ୱେଷ୍ଟର୍ନ ସବଅର୍ବସ।

ଉତ୍କଳ କରାଟେ ସ୍କୁଲ୍ ନୂତନ ହଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୪: ଉତ୍କଳ କରାଟେ ସ୍କୁଲ, ଟଙ୍କପାଣି ରୋଡ୍ (ବସୁଆ ।ଘାଇ) ଶାଖା ସ୍କୁଲ୍ ପରିସରରେ ବାର୍ଷିକ ଦିବସ ସମାରୋହ ପାଳିତ ହୋଇଛି ।ଏହି ଦିବସ ପାଇଁ ଛାତ୍ର, ଅଭିଭାବକ ଏବଂ ସମ୍ମାନିତ ଅତିଥିମାନେ ଏକତ୍ରିତ ହେବା ସହିତ ଉତ୍ସାହ ଏବଂ ଗର୍ବରେ ଗୁଞ୍ଜରିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଙ୍କ ସଫଳତା ଏବଂ ସମଗ୍ର ବିକାଶ ପ୍ରତି ସ୍କୁଲ୍‌ର ପ୍ରତିବଦ୍ଧତାର ଏକ ପ୍ରାଣବନ୍ତ ପ୍ରଦର୍ଶନ ଥିଲା। ଏହି ଉତ୍ସବର ଶୁଭାରମ୍ଭ ମୁଖ୍ୟ ଅତିଥି ହାନ୍‌ସୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସେନ୍‌ସାଇ ଖାରବେଳ ମଲ୍ଲିକ, ଡ. ଅବିନାଶ ପୁନ୍ଦିର ଏବଂ ସ୍କୁଲ ପ୍ରଶିକ୍ଷକ ସେନ୍‌ସାଇ ସୁଶାନ୍ତ କୁମାର ପଣ୍ଡା କରିଥିଲେ। ଉତ୍ସବର ମନୋଭାବକୁ ଯୋଡ଼ି ମୁଖ୍ୟ ଅତିଥି ସମାବେଶକୁ ସମ୍ବୋଧିତ କରିଥିଲେ, ଯୁବ ମନକୁ ପୋଷଣ ଏବଂ ଉତ୍କର୍ଷତାର ଭାବନା ବୃଦ୍ଧି କରିବାରେ ସ୍କୁଲ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ମୂଲ୍ୟବୋଧ ଭିତ୍ତିକ କ୍ରୀଡ଼ାର ଗୁରୁ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହ ଏବଂ ଦୃଢ଼ତାର ସହିତ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିଥିଲେ।

ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍‌ଙ୍କୁ ଜରିମାନା

ନୂଆଦିଲ୍ଲୀ, ୧୮।୪: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଚରଣସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗରେ ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କୋଚ୍ ମୁନାଫ ପଟେଲଙ୍କୁ ତାଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି।

ଏଥି ସହିତ ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ସ ପଏଣ୍ଟ ଯୋଗ କରାଯାଇଛି ।ବୁଧବାର ରାତିରେ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିଥିଲା ଏଥିରେ ଉଭୟ ଦଳ ସମାନ ୧୮୮ ରନ କରିବାରୁ ମ୍ୟାଚ ଟାଇ ହୋଇଥିଲା ।ଫଳରେ ସୁପର ଓଭରରେ ଫଳାଫଳ ପଇସଲା ହୋଇଥିଲା ଏହି ମ୍ୟାଚରେ ମୁନାଫ ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୦ର ଉଲ୍ଲଂଘନ କରିଥିଲେ ଭାରତର ପୂର୍ବତନ ପେସ୍ ବୋଲର ତାଙ୍କ ଭୁଲ୍ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣି ଆବଶ୍ୟକ ପଡ଼ି ନ ଥିଲା ।ମ୍ୟାଚ ବେଳେ ମୁନାଫା କଣ ଦୋଷ କରିଥିଲେ। ଯଦିଓ ତାହା ସ୍ପଷ୍ଟ କରାଯାଇ ନାହିଁ ମୁନାଫ ଖେଳ ମଝିରେ ଜଣେ ଖେଳାଳିଙ୍କ ଜରିଆରେ ପଡ଼ିଆ। ମଧ୍ୟକୁ ଏକ ବାର୍ତ୍ତା ପଠାଇବାକୁ ଝହୁଁଥିଲେ ।ମାତ୍ର ତାଙ୍କୁ ଅନୁମତି ନ ମିଳିବାରୁ ମ୍ୟାଚ ଅଫିସିଆଲଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏହି କାରଣ ପାଇଁ ତାଙ୍କୁ ଦଣ୍ଡିତ କରାଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ଏମ୍‌ଏସ୍ ଧୋନୀଙ୍କ ନେତୃତ୍ୱରେ ୨୦୧୧ ଅନ୍ତର୍ଜାତୀୟ ଦିନିକିଆ। ବିଶ୍‌କପ୍ ଜିତିଥିବା ଭାରତୀୟ ଦଳର ମୁନାଫ୍ ଥିଲେ ଅନ୍ୟତମ ପ୍ରମୁଖ ସଦସ୍ୟ।

ଷ୍ଟାର୍କଙ୍କୁ ଅଧିନାୟକ ଅକ୍ଷର ପଟେଲଙ୍କ ପ୍ରଶଂସା

ନୂଆ ।ଦିଲ୍ଲୀ, ୧୭।୪: ରାଜସ୍ଥାନ ରୟାଲ୍ସ (ଆ।ର୍‌ଆ।ର୍) ବିପକ୍ଷ ମ୍ୟାଚର ଅନ୍ତିମ ଓଭର ଓ ସୁପର ଓଭରରେ ଜବରଦସ୍ତ ବୋଲିଂ କରିଥିବା ମିଚେଲ ଷ୍ଟାର୍କଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଅଧିନାୟକ ଅକ୍ଷର ପଟେଲ ଖୁବ୍ ପ୍ରଶଂସା କରିଛନ୍ତି ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୯ ରନର ଟାର୍ଗେଟ ପିଛା କରୁଥିବା ରାଜସ୍ଥାନକୁ ଅନ୍ତିମ ଓଭରରେ ୯ ରନ ଦରକାର ଥିଲା। ହେଲେ ସୁପର ଓଭର ସମେତ ଲଗାତର ଦୁଇ ଓଭରରେ ଷ୍ଟାର୍କଙ୍କ ଜବରଦସ୍ତ ବୋଲିଂ ଦିଲ୍ଲୀକୁ ଏକ ରୋମାଞ୍ଚକ ବିଜୟ ଆଣି ଦେଇଥିଲା।

ରିଭର୍ସ ସ୍ୱିଙ୍ଗ ମିଳିବା ଗୋଟିଏ କଥା କିନ୍ତୁ ଝପରେ ତାହାକୁ ଠିକ ଭାବେ କାର୍ଯ୍ୟକାରୀ କରିବା ଅଧିକ ଗୁରୁପୂର୍ଣ୍ଣ ବଲ ରିଭର୍ସ ସ୍ୱିଙ୍ଗ କରୁଥିଲା କିନ୍ତୁ ଝପରେ ସେ ତାହାକୁ ଠିକ ଭାବେ କାର୍ଯ୍ୟକାରୀ କରିଥିଲେ ସୁପର ଓଭର ଓ ଅନ୍ତିମ ଓଭର ବେଳେ ମୁଁ ତାଙ୍କୁ କହିଥିଲି ଯେ, ନିଜ ଉପରେ ଏବଂ ନିଜ ଯୋଜନା ଉପରେ ଭରସା ରଖ ସେ ପ୍ରତି ଉତ୍ତରରେ କହିଥିଲେ, କ୍ୟାପ୍ଟେନ ଚିନ୍ତା କର ନାହିଁ ମୁଁ ତାହା ହିଁ କରିବି ସେ ଯେତେବେଳେ ୧୮ତମ ଓଭର ପକାଇଲେ, ସେ ଖୁବ୍ ଭଲ ୟର୍କର ପକାଉଥିଲେ। ବର୍ତ୍ତମାନ ଟି୨୦ ଯେଉଁଭଳି ଖେଳାଯାଉଛି, ତୁମକୁ ପାୱାରପ୍ଲେରେ ମାଡ଼ ହୋଇପାରେ। କିନ୍ତୁ ଡେଥ୍ ଓଭରରେ ତୁମେ କେଉଁ ଭଳି ପ୍ରତ୍ୟାବର୍ତ୍ତନ କରୁଛ, ତାହା ଗୁରୁପୂର୍ଣ୍ଣ। ଏହା ହିଁ ଦର୍ଶାଉଛି ସେ କାହିଁକି ଏତେ ବଡ଼ ଖେଳାଳି ବୋଲି ଅକ୍ଷର ମ୍ୟାଚ୍ ପରେ କହିଛନ୍ତି।

ଆଇପିଏଲ୍‌ରେ ମଳଲାନ ଏଣ୍ଟ୍ର : ପିଏସ୍‌ଏଲ୍‌ରେ ଦେଖାଉଛନ୍ତି କମାଲ

ନୂଆଦିଲ୍ଲୀ, ୧୮।୪: ଆଇପିଏଲ୍‌ରେ ଥିଲେ ଅନ୍‌ସୋଲ୍ଡ କିନ୍ତୁ ପିଏସଏଲରେ ମିଳିଲା ସୁଯୋଗ। ଆଉ ନିଜକୁ କଲେ ପ୍ରମାଣିତ। ଏବେ ପାକିସ୍ତାନ ସୁପର ଲିଗ୍‌ରେ କରୁଛନ୍ତି କମାଲ୍। ବ୍ୟାଟରୁ ବର୍ଷୁଛି ରନ୍ ବାଉଣ୍ଡ୍ରି ଛୁଉଁଛି ବଲ୍। ଡେଭିଡ୍ ୱାର୍ଣ୍ଣରଙ୍କ ଠାରୁ ଅଲଜାରୀ ଜୋସେଫ୍‌ଙ୍କ ପର୍ଯ୍ୟନ୍ତ ସାଜିଛନ୍ତି ଦୁର୍ଦ୍ଦଶ ଖେଳାଳି। ବିସ୍ଫୋରକ ବ୍ୟାଟିଂରେ ଭରୁଛନ୍ତି ରୋମାଞ୍ଚ ଭାରତରେ ଝଲୁଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍ ରୋମାଞ୍ଚକର ହେଉଛି। ସବୁ ମ୍ୟାଚ୍ ଦମ୍‌ଦାର୍ ଫର୍ମରେ ନୂଆ ।ଠାରୁ ପୁରୁଣା ପ୍ଲେ